# କାନାରା ବ୍ୟାଙ୍କରେ ସିଣ୍ଡିକେଟ ବ୍ୟାଙ୍କ ମିଶ୍ରଣକୁ ନେଇ ବାରମ୍ବାର ପଚରା ଯାଉଥିବା ପ୍ରଶ୍ନ (FAQs)

| କ୍ର.ନଂ | ବାରମ୍ବାର ପଚରା ଯାଉଥିବା ପ୍ରଶ୍ନ | ଉତ୍ତର |
|---|---|---|
| କ | ସାଧାରଣ ବିଷୟ | |
| ୧. | ଏହି ମିଶ୍ରଣର ଉଦ୍ଦେଶ୍ୟ କଣ ? | ମାନ୍ୟବର ଅର୍ଥମନ୍ତ୍ରୀଙ୍କ ଦ୍ୱାରା ମିଶ୍ରଣ ଘୋଷଣା ନାମାରେ ନିମ୍ନଲିଖିତ ଉଦ୍ଦେଶ୍ୟ ଗୁଡ଼ିକ ରହିଛି ।<br>➤ ଏକତ୍ରିକରଣ- ନୂତନ ପିଢ଼ି ବ୍ୟାଙ୍କ ସୃଷ୍ଟି ମାଧ୍ୟମରେ କ୍ଷମତାକୁ ମୁକ୍ତ କରିବା ।<br>➤ ଆମେରିକୀୟ ଡଲାର ୫ଟ୍ରିଲିୟନ ଅର୍ଥନୀତି ସୃଷ୍ଟି ମାନଙ୍କରେ ରାଷ୍ଟ୍ରାୟତ ବ୍ୟାଙ୍କଗୁଡ଼ିକୁ ପୁନଃ ସ୍ଥାନିତ କରିବା ।<br>➤ ବୃହତ୍ତ ବ୍ୟାଙ୍କ ସହିତ ମିଶି ଋଣ କ୍ଷମତା ବୃଦ୍ଧି କରିବା ।<br>➤ ଜାତୀୟ ସ୍ତରରେ ଦୃଢ଼ ଉପସ୍ଥିତ ସହିତ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚିବା ପାଇଁ ବ୍ଯାଙ୍କ ସୃଷ୍ଟି ।<br>➤ ଋଣ ପ୍ରଦାନ ଖର୍ଚ୍ଚ ହ୍ରାସ କରିବା ନିମନ୍ତେ ପରିଚାଳନା ଦକ୍ଷତା ବୃଦ୍ଧି କରିବା ।<br>➤ ରିସ୍କ ବହନ କରିବା ଦକ୍ଷତା ବୃଦ୍ଧି କରିବା ।<br>➤ ଗ୍ରାହକ ସେବା ବୃଦ୍ଧି କରିବା ପାଇଁ ବୃହତ୍ତର ବ୍ୟବସ୍ଥା ।<br>➤ ବଜାରରୁ ଅଧିକ ସମ୍ବଳ ଉଠାଇବା ଦକ୍ଷତା ବୃଦ୍ଧି କରିବା । |
| ୨. | ମିଶ୍ରଣ ବ୍ୟାଙ୍କର ନାମ କ'ଣ ହେବ ? | ମିଶ୍ରଣ ହୋଇଥିବା ବ୍ୟାଙ୍କର ନାମ କାନାରା ବ୍ୟାଙ୍କ ହେବ । |
| ୩. | ଜଣେ ଗ୍ରାହକ ଭାବେ ବର୍ତ୍ତମାନ ମୋର କ'ଣ କରିବାର ଅଛି । | ଜଣେ ଗ୍ରାହକଭାବେ ଆପଣ ବର୍ତ୍ତମାନ ଶାଖାରେ ସବୁଦିନ ଭଳି କାରବାର କରିପାରିବେ । ଉଭୟ ବ୍ୟାଙ୍କର ସମସ୍ତ ଶାଖା ଆପଣଙ୍କୁ ସର୍ବୋତ୍ତମ ସେବା ଦେବା ସୁନିଶ୍ଚିତ ଅଟେ । |
| ୪. | ମିଶ୍ରଣ ପରେ କେତେକ ଶାଖା ବନ୍ଦ ହୋଇଯିବ କି ? | ନା' ବର୍ତ୍ତମାନ ଆମେ କୌଣସି ଶାଖା ବନ୍ଦ କରୁନାହୁଁ । ପାଖାପାଖି ଥିବା ଶାଖା ମିଶ୍ରଣ ପାଇଁ ସ୍ଥିର କରାଗଲେ ପୂର୍ବରୁ ଆପଣଙ୍କୁ ଜଣାଇ ଦିଆଯିବ । |
| ୫. | ମୋ ଅଞ୍ଚଳରେ ଉଭୟ ବ୍ୟାଙ୍କର ଅନେକ ଶାଖା ରହିଛି । କେଉଁ ଶାଖା ମୋ ବ୍ୟାଙ୍କଙ୍ଗ ସମ୍ବନ୍ଧୀୟ ସେବା ପ୍ରଦାନ କରିବା | ଏହା ସମସ୍ତ ଶାଖାର ନିତି ଦିନିଆ କାରବାର, ତୁମେ ତୁମର ବର୍ତ୍ତମାନ ଆକାଉଣ୍ଟ ଥିବା ଶାଖାରୁ କ୍ରମାଗତ ସେବା ପାଇପାରିବେ । ଏହି ୨ଟି ବ୍ୟାଙ୍କରେ ୧୨ଟି ଆନ୍ତଃ ସହଯୋଗ ସେବା ସମସ୍ତ ଗ୍ରାହକ ପାଇଁ ଉପଲବ୍ଧ ହେବ । |
| ୬. | ମୋ ବ୍ୟାଙ୍କ ଶାଖା ସହିତ କାରବାର ସମ୍ପର୍କ (ଇଣ୍ଟର ପର୍ସନାଲ ସମ୍ପର୍କ)ର ଉନ୍ନତି ଘଟିଲେ କ'ଣ ହେବ ? | ତୁମେ ତୁମ ବ୍ୟାଙ୍କ ଶାଖା ସହିତ ଅଧିକତର ଉତ୍ତମ କାରବାର ସମ୍ପର୍କ ଉପଭୋଗ କରିଚାଲିବ । |
| ୭. | ସିଣ୍ଡିକେଟ ବ୍ୟାଙ୍କର ଥିବା ମୋର ବର୍ତ୍ତମାନର ଅଂଶଧନ କଣ' ହେବ ? | ତା.୨୩.୦୩.୨୦୨୦ ସୁଦ୍ଧା ସିଣ୍ଡିକେଟ ବ୍ୟାଙ୍କର ବର୍ତ୍ତମାନର ସେୟାର ଧାରଣ ଉଭୟ ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳ ବୈଠକ ଦ୍ୱାରା ସ୍ଥିର କରାଯାଇଥିବା ସେୟାର ଏକ୍ସ ଚେଞ୍ଜରେ ସିଓ (ଅଂଶଧନ ପ୍ରତିବଦଳ ଅନୁପାତ ଅନୁସାରେ କାନାରା ବ୍ୟାଙ୍କର ସେୟାର ପାଇବେ । |
| ୮. | କେଉଁଠାରୁ ମୁଁ ମିଶ୍ରଣ ସମ୍ବନ୍ଧୀୟ ସବିଶେଷ/ପରବର୍ତ୍ତୀ ସୂଚନା/ମିଶ୍ରଣ ପରେ ବ୍ୟାଙ୍କ ସେବା ସମ୍ବନ୍ଧୀୟ ସୂଚନା ପାଇପାରିବି ।? | କାନାରା ବ୍ୟାଙ୍କ ଏବଂ ସିଣ୍ଡିକେଟ ବ୍ୟାଙ୍କର ୱେବସାଇଟ ସମୟାନୁସାରେ ଅପଡେଟ ସହିତ ମିଶ୍ରଣ ସମ୍ବନ୍ଧୀୟ ସବିଶେଷ ସୂଚନା ଉପଲବ୍ଧ ରହିବ । କୌଣସି ସହାୟତା ନିମନ୍ତେ ବ୍ୟାଙ୍କର ନିଶୁଳ୍କ ଟେଲିଫୋନ ନମ୍ବରରେ ଯୋଗାଯୋଗ କରନ୍ତୁ କିମ୍ବା ଆପଣଙ୍କ ଶାଖା ସହିତ ଯୋଗାଯୋଗ କରନ୍ତୁ । |
| ୯. | କେଉଁ ବ୍ୟାଙ୍କର କେଉଁ ବ୍ୟାଙ୍କ ସହିତ ମିଶ୍ରଣ ହେବ ? | ସିଣ୍ଡିକେଟ ବ୍ୟାଙ୍କ କାନାରା ବ୍ୟାଙ୍କ ସହିତ ମିଶ୍ରଣ ହେଉଛି । ଏହି ନୂତନ ମିଶ୍ରଣ ପରେ ବ୍ୟାଙ୍କର ନାମ କାନାରା ବ୍ୟାଙ୍କ ହେବ । |
| ୧୦. | ସିଣ୍ଡିକେଟ ବ୍ୟାଙ୍କ ଘରୋଇ ନା ସରକାରୀ ବ୍ୟାଙ୍କ ? | ସିଣ୍ଡିକେଟ ବ୍ୟାଙ୍କ ଏକ ରାଷ୍ଟ୍ରାୟତ ବ୍ୟାଙ୍କ ଅର୍ଥାତ ଏହି ବ୍ୟାଙ୍କରେ ଭାରତ ସରକାରଙ୍କର ଅଧିକାଂଶ ଅଂଶଧନ ରହିଛି । |
| ୧୧. | କାହିଁକି ମିଶ୍ରଣ ହେଲା ? | ବିଶ୍ୱର ଏକ ପ୍ରତିଦ୍ୱନ୍ଦୀ ଋଣଦାତା ଭାବେ ଗଢ଼ି ତୋଳିବା ପାଇଁ ସିଣ୍ଡିକେଟ ବ୍ୟାଙ୍କର କାନାରା ବ୍ୟାଙ୍କ ସହିତ ମିଶ୍ରଣକୁ ଭାରତ ସରକାର ଅନୁମୋଦନ କରିଛନ୍ତି । ଏହି ମିଶ୍ରଣ ପରେ ଭାରତୀୟ ଷ୍ଟେଟ ବ୍ୟାଙ୍କ, ପିଏନ୍‌ବି + ଓବିସି + ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ବ୍ୟାଙ୍କ ଅଫ୍ ବରୋଦା ପରେ ଅନ୍ୟତମ ବୃହତ୍ତ ବ୍ୟାଙ୍କ ଭାବେ ନୂତନ ବ୍ୟାଙ୍କ ସୃଷ୍ଟି ହେବ । ଏକରୁ ଅଧିକ ବ୍ୟାଙ୍କର ମିଶ୍ରଣ ଏକ ବୃହତ୍ତ ଭୌଗୋଳିକ ପରିସୀମାର ପ୍ରତିଛବି ପ୍ରଦାନ କରିବା ସହିତ ଆକାର, ଦକ୍ଷତା ମାନଙ୍କ ଇତ୍ୟାଦିର ସୁବିଧା ପ୍ରଦାନ କରିବାରେ ସହାୟକ ହେବ । ବର୍ତ୍ତମାନ ଏହି ମିଳିତ ବ୍ୟାଙ୍କ ଏକକରେ ନେଟସ୍ୱାର୍କ ସମଗ୍ର ଭାରତରେ ୧୦,୩୯୬ଟି ଶାଖା ଏବଂ ପ୍ରାୟ ୧୩,୪୦୮ ଏଟିଏମ୍ ପାଖାପାଖି ହେବ । (କାନାରା ବ୍ୟାଙ୍କର ୮,୮୩୭ ଏଟିଏମ୍ ଏବଂ ୬, ୩୩୩ ଶାଖା, ସିଣ୍ଡିକେଟ ବ୍ୟାଙ୍କର ୪,୫୭୧ ଏବଂ ୪,୦୬୩ ଶାଖା) |
| ୧୨. | କାନାରା ବ୍ୟାଙ୍କ ଏବଂ ସିଣ୍ଡିକେଟ ବ୍ୟାଙ୍କର ଏହି ମିଶ୍ରଣ ଗ୍ରାହକମାନଙ୍କ ଉପରେ କିପରି ପ୍ରଭାବ ପକାଇବ ? | ଗ୍ରାହକମାନେ ଏକ ବୃହତ୍ତମ ବ୍ୟାଙ୍କ କାନାରା ବ୍ୟାଙ୍କର ଏକ ଅଂଶ ଭାବେ ବିବେଚିତ ହେବେ । ଏହି ନୂତନ ଏକକର ବଜାର ଅଂଶଧନ ବଢ଼ିବା ସହିତ ଅର୍ଥନୈତିକ ଅଭିବୃଦ୍ଧି ହେବା ସଙ୍ଗେ ସଙ୍ଗେ ଦେଶ ଲାଭାନ୍ୱିତ ହେବ । ପ୍ରତ୍ୟେକ ବ୍ୟାଙ୍କର ଗ୍ରାହକମାନେ ଅଧିକ ସଂଖ୍ୟକ ଶାଖା ଏବଂ ଏଟିଏମ୍ ନେଟୱାର୍କର ଲାଭ ପାଇବା ସହିତ ଅଧିକ ଋଣ ସୁବିଧା, ବ୍ୟାଙ୍କିଙ୍ଗ ପ୍ରଡକ୍ଟ ଏବଂ ସେବା ପାଇ ପାରିବେ । ଏହି ମିଳିତ ଏକକର ସମଗ୍ର ଭାରତ ବର୍ଷରେ ଟେଟୱାର୍କ ଶାଖା ୧୦,୩୯୬ ଏବଂ ଏଟିଏମ୍ ସଂଖ୍ୟା ପ୍ରାୟ ୧୩,୪୦୮ ପାଖାପାଖି ହେବ । ଗ୍ରାହକମାନେ ପ୍ରଡକ୍ଟ ଓ ସେବା ନିମନ୍ତେ ଏକ ବୃହତ୍ତର ପରିସର ପାଇ ପାରିବେ । ଏକ କିମ୍ବା ଏକାଧିକ ବ୍ୟାଙ୍କର ମିଶ୍ରଣ ଏକ ବୃହତ୍ତର ଭୌଗୋଳିକ ବିସ୍ତୃତି ପ୍ରଦାନ କରିବା ସହିତ ଆକାର ମାନଙ୍କ ଏବଂ ଦକ୍ଷତାର ଲାଭ ପ୍ରଦାନ କରିପାରିବ । ମିଶ୍ରଣର ପରବର୍ତ୍ତୀ ଫଳାଫଳ ହେଉଛି:<br>➤ ଉତ୍ତମ ଦରରେ ଅଧିକ ଉତ୍ପାଦ ଏବଂ ଅଫର ଗୁଡ଼ିକ ପ୍ରାପ୍ତ ହେ ।<br>➤ ବିସ୍ତାରିତ ନେଟୱାର୍କ ଯୋଗୁଁ ସହଜଲବ୍ଧ ସାହାର୍ଯ୍ୟ ସହାୟତାପ୍ରାପ୍ତ ।<br>➤ ଅଧିକ କର୍ମଚାରୀ ଗ୍ରାହକ ସେବା ନିମନ୍ତେ ଉପଲବ୍ଧ ଯୋଗୁଁ ଉନ୍ନତି ଗ୍ରାହକ ସେବା ।<br>➤ ଅଧିକ ବିତ୍ତିୟ ପରିଚାଳନା / ଏବଂ କିମ୍ବା ସେବା ସୁଯୋଗ । |

| | | |
|---|---|---|
| ୧୩. | କାନାରା ବ୍ୟାଙ୍କ / ସିଣ୍ଡିକେଟ ବ୍ୟାଙ୍କର କେତୋଟି ଶାଖା ଅଛି ? | ଭାରତରେ କାନାରା ବ୍ୟାଙ୍କର ୬,୩୨୮ଟି ଶାଖା ଏବଂ ବିଦେଶରେ ୫ଟି ଶାଖା ରହିଛି। |
| ୧୪. | ସିଣ୍ଡିକେଟ ବ୍ୟାଙ୍କ ବନ୍ଦ ହେବାକୁ ଯାଉଛି କି ? | ନା' ସିଣ୍ଡିକେଟ ବ୍ୟାଙ୍କ କାନାରା ବ୍ୟାଙ୍କ ସହିତ ମିଶ୍ରଣ ହେଉଛି ଏବଂ ମିଶ୍ରଣ ପରେ ବ୍ୟାଙ୍କର ନାମ କାନାରା ବ୍ୟାଙ୍କ ରହିବ। |
| ୧୫. | ମୁଁ ସିଣ୍ଡିକେଟ ବ୍ୟାଙ୍କରେ ଥିବା ମୋର ଆକାଉଣ୍ଟକୁ ବନ୍ଦ କରିବି କି ? | ଆପଣଙ୍କ ଆକାଉଣ୍ଟକୁ ବନ୍ଦ କରିବାର କୌଣସି ଆବଶ୍ୟକତା ନାହିଁ। ସିଣ୍ଡିକେଟ ବ୍ୟାଙ୍କର ଥିବା ଆପଣଙ୍କ ବର୍ତ୍ତମାନର ଆକାଉଣ୍ଟ ଚାଲୁ ରହିବ। |
| ୧୬. | ମୋର ଆକାଉଣ୍ଟ ନମ୍ବର ପରିବର୍ତ୍ତନ ହୋଇଯିବ କି ? | ନା' ଆପଣଙ୍କ ବର୍ତ୍ତମାନର ଆକାଉଣ୍ଟ ନମ୍ବର ଯେପରି ଅଛି ସେପରି ରହିବ। କୌଣସି ପରିବର୍ତ୍ତନ ହେଲେ ଯଥେଷ୍ଟ ପୂର୍ବରୁ ଆପଣଙ୍କୁ ସୂଚନା ଦିଆଯିବ |
| ୧୭. | ମୋ ଆକାଉଣ୍ଟ ଅନ୍ୟାନ୍ୟ ତଥ୍ୟ ପରିବର୍ତ୍ତନ ହୋଇଯିବ କି ? | ନା' ଆକାଉଣ୍ଟର ତଥ୍ୟାବଳୀ ଯଥା- IFSC, MICR, ଇତ୍ୟାଦି ଯେପରି ଅଛି ସେପରି ରହିବ। କୌଣସି ପରିବର୍ତ୍ତନ ହେଲେ ଯଥେଷ୍ଟ ପୂର୍ବରୁ ଜଣାଇ ଦିଆଯିବ। |
| ୧୮. | ମୁଁ ପୁର୍ନବାର KYC କାଗଜପତ୍ର ଦାଖଲ କରିବାର ଆବଶ୍ୟକତା ରହିଛି କି | ଯଦି ଆପଣଙ୍କ ଶାଖାରେକର୍ଡରେ ଦାଖଲ କରିଥିବା KYC କାଗଜପତ୍ର (ସଦ୍ୟତମ) ଅପଡେଟ ରହିଛି। ତେବେ ପୁର୍ନବାର KYC କାଗଜପତ୍ର ଦାଖଲ କରିବାର ଆବଶ୍ୟକତା ନାହିଁ। |
| ୧୯. | ବର୍ତ୍ତମାନର ଗ୍ରାହକମାନଙ୍କ ଆକାଉଣ୍ଟମ୍ବର ଏବଂ IFSC କୋଡ୍ ପରିବର୍ତ୍ତନ ହୋଇଯିବ କି ? | ବର୍ତ୍ତମାନର ଆକାଉଣ୍ଟ ନମ୍ବର, IFSC କୋଡ୍, MICR ଏବଂ ଆକାଉଣ୍ଟର ଚିହ୍ନଟକାରୀ ଏବଂ ଶାଖା ପରିବର୍ତ୍ତନ ଘୋଷଣା / ବିଜ୍ଞପ୍ତି ଜାରି ପର୍ଯ୍ୟନ୍ତ ଚାଲୁ ରହିବ |
| ୨୦. | ମୋର ଉଭୟ ବ୍ୟାଙ୍କରେ ଆକାଉଣ୍ଟ ରହିଛି। ମୁଁ ସେଥିମଧ୍ୟରୁ ଗୋଟିଏ ଆକାଉଣ୍ଟକୁ ବନ୍ଦ କରିବି କି ? | ନା' ଉଭୟ ବ୍ୟାଙ୍କରେ ଥିବା ଆପଣଙ୍କ ଆକାଉଣ୍ଟ ଚାଲୁ ରହିବ। ଭାରତୀୟ ରିଜର୍ଭ ବ୍ୟାଙ୍କର ମାର୍ଗ ଦର୍ଶିକା ଅନୁସାରେ ଗ୍ରାହକମାନଙ୍କର ଅନେକ ଆକଉଣ୍ଟ ଥିଲେ ମଧ୍ୟ ଗୋଟିଏ ଗ୍ରାହକ ପରିଚୟ (କଷ୍ଟୋମର ଆଇଡି) ରହିବ। ଏ ବିଷୟରେ କୌଣସି ପରିବର୍ତ୍ତନ ହେଲେ ଯଥେଷ୍ଟ ପୂର୍ବରୁ ସୂଚନା ଦିଆଯିବ। |
| ୨୧. | ମୁଁ ନୂଆ ଚେକ୍ ବୁକ୍ / ଏଟିଏମ୍ କାର୍ଡ ପାଇବି କି ? ଏବଂ ବର୍ତ୍ତମାନର ଚେକ୍ ବୁକ୍ / ଏଟିଏମ୍ କାର୍ଡ କ'ଣ ହେବ ? | ବର୍ତ୍ତମାନର ଏଟିଏମ୍ କାର୍ଡ ଏବଂ ଚେକ୍ ବୁକ୍ ଅନ୍ୟଥା ବିଜ୍ଞପ୍ତି ପ୍ରକାଶ ନ ହେବା ପର୍ଯ୍ୟନ୍ତ ବ୍ୟବହାର କରାଯିବ। |
| ୨୨. | ମୁଁ କାନାରା ବ୍ୟାଙ୍କ ଶାଖା / ସିଣ୍ଡିକେଟ ବ୍ୟାଙ୍କ ଶାଖାରେ ପାସବୁକ୍‌କୁ ଅପଡେଟ କରିବାର ଆବଶ୍ୟକତା ଅଛି କି ? | ସମୟାନୁସାରେ ଆପଣ ସଂପୃକ୍ତ ବ୍ୟାଙ୍କ ଶାଖାରେ ପାସ୍‌ବୁକ୍ ଅପଡେଟ କରିବେ। ମିଶ୍ରଣ ହୋଇଥିବା ବ୍ୟାଙ୍କର କୌଣସି ଶାଖାରେ ଆକାଉଣ୍ଟ ବିବରଣୀ ଉପଲବ୍ଧ। |
| ୨୩. | ସିଣ୍ଡିକେଟ ବ୍ୟାଙ୍କର ଗ୍ରାହକଟିଏ କାନାରା ବ୍ୟାଙ୍କର ଶାଖାରୁ ଚେକ୍ ବ୍ୟବହାର ନକରି କ୍ୟାସ ଉଠେଇ ପାରିବ କି ? କିମ୍ବା କାନାରା ବ୍ୟାଙ୍କର ଗ୍ରାହକଟିଏ ସିଣ୍ଡିକେଟ ବ୍ୟାଙ୍କ ଶାଖାରୁ ଏପରି କରିପାରିବ କି ? | ନା' ଗ୍ରାହକମାନଙ୍କ ଚେକ୍ ବ୍ୟବହାର କରି କ୍ୟାସ ଉଠାଣ କରିପାରିବେ। ସେମାନେ କୌଣସି ବ୍ୟାଙ୍କର ଡେବିଟକାର୍ଡ ଏଟିଏମ୍‌ରେ ବ୍ୟବହାର କରିପାରିବେ। |
| ୨୪. | ମୁଁ କାନାରା ବ୍ୟାଙ୍କ କିମ୍ବା ସିଣ୍ଡିକେଟ ବ୍ୟାଙ୍କର କୌଣସି ଶାଖାରେ ଡିପୋଜିଟ କରିପାରିବି କି ? | ହଁ |
| ୨୫. | ମୋର ସିଣ୍ଡିକେଟ ବ୍ୟାଙ୍କରେ ଆକାଉଣ୍ଟ ଅଛି। ମୁଁ କାନାରା ବ୍ୟାଙ୍କର ଶାଖାରେ କାରବାର କରିପାରିବି କି ? ସେହି ପ୍ରକାର କାନାରା ବ୍ୟାଙ୍କରେ ଶାଖା ଥିଲେ ସିଣ୍ଡିକେଟ ବ୍ୟାଙ୍କରେ କାରବାର କରିପାରିବ କି ? | ହଁ ତା.୦୧.୦୪.୨୦୨୦ ଠାରୁ ନିମ୍ନମତେ ଆନ୍ତଃ ପରିଚାଳନା ସେବା ପ୍ରଦାନ କରାଯିବ।<br>୧) କ୍ୟାଶ ଉଠାଣ — ୭) ଚେକ୍‌ର ପେମେଣ୍ଟ ବନ୍ଦ<br>୨) କ୍ୟାଶ ଜମା — ୮) କ୍ରେଡିଟ୍ / ଡେବିଟି କାର୍ଡ ହଟଲିଷ୍ଟିଂ<br>୩) ଫଣ୍ଡ ଟ୍ରାନ୍ସଫର — ୯) ଅଭିଯୋଗ ପଞ୍ଜିକରଣ<br>୪) ଋଣ ପରିଶୋଧ — ୧୦) ଆକାଉଣ୍ଟ ବିବରଣୀ ବାହାର କରିବା<br>୫) ସଞ୍ଚୟ ଖାତା ଖୋଲିବା — ୧୧) ଋଣ ଆକାଉଣ୍ଟର ବିବରଣୀ<br>୬) ଚେକ୍ ବୁକ୍ ଅନୁରୋଧ — ୧୨) ବାଲାନ୍ସ ଅନୁସନ୍ଧାନ |
| ୨୬. | ମୋ ଆକାଉଣ୍ଟରେ ନୂତନ ସର୍ଭିସ ଚାର୍ଜ ବସାଯିବ କି ? | ମିଶ୍ରଣ ଯୋଗୁଁ ଗ୍ରାହକମାନଙ୍କ ନିମନ୍ତେ ଏକତ୍ରିତ ସର୍ଭିସ ଚାର୍ଜ ଲାଗୁ ହେବ। ସଂଶୋଧିତ ସର୍ଭିସ ଚାର୍ଜ ସଂପୃକ୍ତ ବ୍ୟାଙ୍କର ୱେବସାଇଟରେ ଅପଲୋଡ ହୋଇସାରିଛି। |
| ୨୭. | ମୋର ଗ୍ରାହକ ଆଇଡି ସମାନ ରହିବ କି ? | ହଁ, ଭାରତୀୟ ରିଜର୍ଭ ବ୍ୟାଙ୍କର ନିୟମାନୁସାରେ ଗ୍ରାହକମାନଙ୍କର ଗୋଟିଏ ଗ୍ରାହକ ଆଇଡି (Last ID) ରହିବ, ଏକାଧିକ ଆକାଉଣ୍ଟ ଥିଲେ ମଧ୍ୟ। ଏ ଦିଗରେ କୌଣସି ପରିବର୍ତ୍ତନ ହେଲେ ଆଗୁଆ ସୂଚନା ଦିଆଯିବ। |
| ୨୮. | ମୋର ଡିପୋଜିଟ ଆକାଉଣ୍ଟର ସୁଧହାରରେ କୌଣସି ପରିବର୍ତ୍ତନ ହେବ କି ? | ନା' ଆପଣଙ୍କର ସଞ୍ଚୟ ଜମା / ପୌନଃପୌନିକ ଜମା / ମିଆଦୀ ଜମାର ପ୍ରଚଳିତ ସୁଧହାର ପରିପକ୍ୱତା ପର୍ଯ୍ୟନ୍ତ ଚାଲୁ ରହିବ। ମିଶ୍ରଣ ପରେ ସୁଧହାରରେ କୌଣସି ପରିବର୍ତ୍ତନ ହେଲେ ତାହା ଶାଖାମାନଙ୍କର ୱେବସାଇଟରେ ପ୍ରଦର୍ଶିତ ହେବ। |
| ୨୯. | ସିଣ୍ଡିକେଟ ବ୍ୟାଙ୍କରେ ଶାଖାଗୁଡ଼ିକ କାନାରା ବ୍ୟାଙ୍କରେ ମିଶ୍ରଣ ହେଲେ ଶାଖାମାନଙ୍କର ସ୍ଥାନ ପରିବର୍ତ୍ତନ ହେବ କି ? | ବର୍ତ୍ତମାନ ସୁଦ୍ଧା ଶାଖାମାନଙ୍କର ସ୍ଥାନ ପରିବର୍ତ୍ତନ ହୋଇ ନାହିଁ। ଯଦି କୌଣସି ପରିବର୍ତ୍ତନ ହୁଏ ତେବେ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ କରାଯିବ। |
| ୩୦. | କାନାରା ବ୍ୟାଙ୍କର ମିଶ୍ରଣ ଘଟିଲେ ଲକରଗୁଡ଼ିକ ସ୍ଥାନାନ୍ତର ହେବ କି ? | ଯଦି ବ୍ୟାଙ୍କର ନିକଟବର୍ତ୍ତୀ ଶାଖା ଗୁଡ଼ିକର ମିଶ୍ରଣ ହୁଏ ତେବେ ଉକ୍ତ ଶାଖାଗୁଡ଼ିକର ଲକରଧାରୀମାନଙ୍କ ଲକର ନିକଟବର୍ତ୍ତୀ ଶାଖା ବଣ୍ଟନ କରାଯିବ। |
| ୩୧. | କେଉଁ ବ୍ୟାଙ୍କର ଶାଖାରେ ଫର୍ମ-16A ମାର୍ଚ୍ଚ ୨୦ ପାଇଁ ଉପଲବ୍ଧ ହେବ | ଫର୍ମ-16A ପାଇଁ ଆପଣଙ୍କ ମୂଳ ଶାଖାକୁ ଯାଆନ୍ତୁ। |
| ୩୨. | ବ୍ୟାଙ୍କ ମିଶ୍ରଣ ପରେ ୨ କୋଟି ପର୍ଯ୍ୟନ୍ତ ରିଟେଲ ଟର୍ମ ଡିପୋଜିଟର ଅପରିପକ୍ୱ ଉଠାଣ ଜୋରିମାନା କଟିବ କି ? | ହଁ |
| ୩୩. | ମିଶ୍ରଣ ବ୍ୟାଙ୍କରେ ଓଭର ଡିଉ ଡିପୋଜିଟ କେତେ ସୁଧ ପ୍ରଦାନ କରାଯିବ ? | ପ୍ରଜୁର୍ଯ୍ୟ ସଞ୍ଚୟ ବ୍ୟାଙ୍କ ସୁଧ ହାରରେ ସୁଧ ପ୍ରଦାନ କରାଯିବ। |

| | | |
|---|---|---|
| ୩୪. | ଯେକୌଣସି ବ୍ୟାଙ୍କର ଶାଖାରେ ଅନକ୍ଲେମ୍ ଡିପୋଜିଟର ଦାବୀ କରିପାରିବ କି ? | ଏପରି ଦାବୀ କେବଳ ଆପଣଙ୍କ ମୂଳ ଶାଖାରେ କରିପାରିବେ। |
| ୩୫. | ମିଶ୍ରଣ ବ୍ୟାଙ୍କରେ ଜମା ରାଶିର ସ୍ୱତଃ ନିବାକରଣ ଉପଲବ୍ଧ ହେବ କି ? | ହଁ, ମୂଳ ଶାଖାରେ ଚୁକ୍ତି ଅନୁସାରେ ଟ୍ୟାକ୍ସ ସେଭର ଜମା ବ୍ୟତୀତ ଅନ୍ୟ ଡିପୋଜିଟ ଗୁଡ଼ିକ ସ୍ୱତଃ ନବୀକରଣ ହେବ। କ୍ୟାପିଟାଲ ଗେନ୍ ଆକାଉଣ୍ଟ, ବ୍ୟାଙ୍କ ଦ୍ୱାରା ଉଠାଣ ହେଉଥିବା ଅନ୍ୟ ଡିପୋଜିଟ ପ୍ରଡକ୍ଟ ଏଫସିଏନ୍ଆର୍ ଇତ୍ୟାଦି। |
| ୩୬. | ମିଶ୍ରଣ ବ୍ୟାଙ୍କରୁ ୨ କୋଟିରୁ ଉର୍ଦ୍ଧ୍ୱ ଜମାର ପ୍ରାକ୍ ପରିପକ୍ୱତା ଉଠାଣ ପାଇଁ ଜୋରିମାନା କଟିବ କି ? | ନା' ପ୍ରଜୁର୍ଯ୍ୟ ନୁହେଁ |
| ୩୭. | ଉଭୟ ବ୍ୟାଙ୍କରେ ସୁଧହାର ବିବାଦ ପାଇଁ କାହାକୁ ଯୋଗଯୋଗ କରିବୁ ? | ଏଥି ପାଇଁ ମୂଳଶାଖା ସହ ଯୋଗାଯୋଗ କରନ୍ତୁ କିମ୍ବା କଲସେଣ୍ଟର କିମ୍ବା ଅଭିଯୋଗ ଶୁଣାଣି ପୋର୍ଟାଲରେ ଅଭିଯୋଗ ପଞ୍ଜିକରଣ କରନ୍ତୁ। |
| ୩୮. | ମୁଁ ମୋର ଆକାଉଣ୍ଟକୁ ଜଏଣ୍ଟ ଆକାଉଣ୍ଟରେ ପରିଣତ କରିବାକୁ ଚାହୁଁଛି। ମିଶ୍ରଣ ବ୍ୟାଙ୍କର ଯେ କୌଣସି ଶାଖାରେ ଏପରି କରିପାରିବି କି ? | ମୂଳ ଶାଖା ସହିତ ଯୋଗାଯୋଗ କରନ୍ତୁ। |
| ୩୯. | ନୂତନ ଆକାଉଣ୍ଟ ଖୋଲିବା ପାଇ KYC କାଗଜପତ୍ରରେ କୌଣସି ପରିବର୍ତ୍ତନ ହେବ କି ? | ନା' ବର୍ତ୍ତମାନର ନିୟମାବଳୀ ଚାଲୁ ରହିବ ଏବଂ ତାହା ସରକାର / ନିୟନ୍ତ୍ରକଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ସାପେକ୍ଷ। |
| ୪୦. | ମିଶ୍ରଣ ପରେ ଦେୟଯୁକ୍ତ ନମ୍ବର ପୂର୍ବ ନମ୍ବର ରହିବ କି ? | ହଁ, ମିଶ୍ରଣ ପରେ ପୂର୍ବର ଟୋଲ ଫ୍ରି ନମ୍ବର ରହିବ। ମିଶ୍ରଣ ପାଇଁ ଏକ ଉତ୍ସର୍ଗୀକୃତ କଲସେଣ୍ଟର ସ୍ଥାପନ ପାଇଁ ପ୍ରକ୍ରିୟା ଚାଲୁ ରଖିଛୁ। |
| ୪୧. | ସିଣ୍ଡିକେଟ ବ୍ୟାଙ୍କର ଗ୍ରାହକ ସେବା କେନ୍ଦ୍ର ନମ୍ବର ଅଲଗା ହେବ କି ? ନା' ସେହି ଟୋଲ ଫ୍ରି ନମ୍ବରରେ କଲ୍ କରିପାରିବୁ। | ଆପଣ ଉଭୟ ନମ୍ବରରେ କଲ୍ କରିପାରିବେ। |
| ୪୨. | ଆକାଉଣ୍ଟ ନମ୍ବର ପରିବର୍ତ୍ତନ ପରେ ବିଭିନ୍ନ ରିଫଣ୍ଡ ଯଥା ଟ୍ୟାକ୍ସର ରିଫଣ୍ଡ ଇତ୍ୟାଦିର କ'ଣ ହେବ ? | ବର୍ତ୍ତମାନର ଆକାଉଣ୍ଟ ନମ୍ବର IFSC କୋଡ, MICR କୋଡ୍ ଏବଂ ଆକାଉଣ୍ଟର ଅନ୍ୟ ଚିହ୍ନଟକାରୀ ଏବଂ ଶାଖା ଚାଲୁ ରହିବ ଅନ୍ୟଥା ପରିବର୍ତ୍ତନ, ଘୋଷଣା, ବିଜ୍ଞପ୍ତି ନହେବା ଯାଏ। ରିଫଣ୍ଡ ଇତ୍ୟାଦି ବର୍ତ୍ତମାନର ବ୍ୟାଙ୍କ ଆକାଉଣ୍ଟକୁ ହିଁ ଆସିବ। |
| ୪୩. | ଟଙ୍କା ଉଠାଣ କିମ୍ବା ସ୍ଥାନାନ୍ତରଣ ପାଇଁ ବର୍ତ୍ତମାନର ପିଟ୍ ବ୍ୟବହାର କରିପାରିବୁ କି ? | ହଁ |
| ୪୪. | ସିଣ୍ଡିକେଟ ବ୍ୟାଙ୍କ ଏଟିଏମ୍ରେ ମୋର ପିନ୍ ନମ୍ବର ପରିବର୍ତ୍ତନ କରିପାରିବି କି ? | ହଁ, ଯଦି ପରିବର୍ତ୍ତନ ଆବଶ୍ୟକ କରନ୍ତି ତେବେ କରିପାରିବେ। |
| ୪୫. | ସିଣ୍ଡିକେଟ ବ୍ୟାଙ୍କରେ ଆକାଉଣ୍ଟ ଥିଲେ ଆକାଉଣ୍ଟ ବାଲାନ୍ସ ପାଇପାରିବି କି ? | ହଁ |
| ୪୬. | ମୁଁ ସିଣ୍ଡିକେଟ ବ୍ୟାଙ୍କର ଗ୍ରାହକ ଅଟେ। କାନାରା ବ୍ୟାଙ୍କରେ ମୋବାଇଲ ନମ୍ବର ପଞ୍ଜିକରଣ କରିପାରିବି କି ? ସେହିପରି କାନାରା ବ୍ୟାଙ୍କର ଗ୍ରାହକ ହେଇଥିଲେ ସିଣ୍ଡିକେଟ ବ୍ୟାଙ୍କରେ ମୋବାଇଲ ନମ୍ବର ପଞ୍ଜିକରଣ କରିପାରିବି କି ? | ହଁ |
| ୪୭. | ମୁଁ ସିଣ୍ଡିକେଟ ବ୍ୟାଙ୍କର ଗ୍ରାହକ। ସିଣ୍ଡିକେଟ ବ୍ୟାଙ୍କରୁ ଲୋନ ଆକାଉଣ୍ଟର ସବିଶେଷ ବିବରଣୀ ପାଇପାରିବି କି ଏବଂ ବିପରୀତ କ୍ରମରେ ଏପରି କି ? | ହଁ |
| ୪୮. | ଆପଣ ସିଣ୍ଡିକେଟ ବ୍ୟାଙ୍କରେ ପଞ୍ଜିକୃତ ହୋଇଥିବା ମେଲ-ଆଇଡିରେ ଷ୍ଟେଟମେଣ୍ଟ ପଠାଇ ପାରିବେ କି ? | ହଁ |
| ୪୯. | ମୁଁ ସିଣ୍ଡିକେଟ ବ୍ୟାଙ୍କର ଜଣେ ଗ୍ରାହକ। ମୁଁ କାନାରା ବ୍ୟାଙ୍କରୁ ଚେକ୍ବୁକ୍ ସଂଗ୍ରହ କରିପାରିବି କି ? | ମୂଳ ଶାଖା ସହିତ ଯୋଗାଯୋଗ କରନ୍ତୁ ଏବଂ କୌଣସି ପରିବର୍ତ୍ତନ ହେଲେ ନିଶ୍ଚିତ ଜଣାଇ ଦିଆଯିବ। |
| ୫୦. | ମୁଁ ସିଣ୍ଡିକେଟ ବ୍ୟାଙ୍କର ଜଣେ ଗ୍ରାହକ। ମୋର ଆକାଉଣ୍ଟରୁ ଟଙ୍କା ଉଠାଣ କାରବାରର ଏସଏମଏସ କ୍ରମାଗତ ଭାବେ ପାଇପାରିବି କି ? | ହଁ, ଗ୍ରାହକଙ୍କ ଟଙ୍କା ଉଠାଣ କାରବାରର ସୀମା ଭିତ୍ତିରେ ଏହା ନିର୍ଭର କରେ। |
| ୫୧. | ମୁଁ ସିଣ୍ଡିକେଟ ବ୍ୟାଙ୍କର ଜଣେ ଗ୍ରାହକ। ମୋର ଆକାଉଣ୍ଟ ବ୍ଲକ ହୋଇଯାଇଛି। କଲସେଣ୍ଟର ମାଧ୍ୟମରେ ଅନବ୍ଲକ ସୁବିଧା ପାଇପାରିବି କି ? | ନା' ମୂଳ ଶାଖା ସହିତ ସମ୍ପର୍କ କରନ୍ତୁ। |
| ୫୨. | ମୋର ସିଣ୍ଡିକେଟ ବ୍ୟାଙ୍କ କାର୍ଡ ହଜିଯାଇଛି। ମୋ କାର୍ଡ ହଟଲିଷ୍ଟ କରିପାରିବେ କିଁ | ହଁ |
| ୫୩. | ସିଣ୍ଡିକେଟ ବ୍ୟାଙ୍କରେ ଆକାଉଣ୍ଟ ଥାଇ ମୁଁ ମୋର ଅଭିଯୋଗ CPGRS ମାଧ୍ୟମରେ ଦାୟର କରିପାରିବି କି? | ହଁ, ଅଭିଯୋଗ ଦାୟର କରିପାରିବେ ଏବଂ ଉଭୟ ବ୍ୟାଙ୍କ ପାଇଁ CPGRS ପ୍ୟାକେଜ ଚାଲୁ ରହିବ। |
| ୫୪. | ପୂର୍ବରୁ ସିଣ୍ଡିକେଟ ବ୍ୟାଙ୍କରେ ଆକାଉଣ୍ଟ ଥିଲେ ବର୍ତ୍ତମାନ କାନାରା ବ୍ୟାଙ୍କରେ ଥିବା ଆକାଉଣ୍ଟର ଜମା ନିମନ୍ତେ ନୋମିନେସନ ପରିବର୍ତ୍ତନ କରିପାରିବି କି ? | ନା, ଆପଣଙ୍କ ମୂଳ ଶାଖା ସହିତ ଯୋଗାଯୋଗ କରନ୍ତୁ। |
| ୫୫. | ମିଶ୍ରଣ ପରେ ଅନଲାଇନ ମାଧ୍ୟମରେ ସେଭିଙ୍ଗ ଆକାଉଣ୍ଟ ଖୋଲିପାରିବି କି ? | ହଁ |

| | | |
|---|---|---|
| ୫୬. | ସିଣ୍ଡିକେଟ ବ୍ୟାଙ୍କରେ ମୋର ଗୃହ ଋଣ ଅଛି। କାନାରା ବ୍ୟାଙ୍କରୁ ସୁଧ ସାର୍ଟିଫିକେଟ ପାଇପାରିବି କି ? | ନା' ଆପଣ ମୂଳ ଶାଖା ସହିତ ଯୋଗାଯୋଗ କରନ୍ତୁ। |
| ୫୭. | ପୂର୍ବରୁ ସିଣ୍ଡିକେଟ ବ୍ୟାଙ୍କରେ ଡିପୋଜିଟ ଥାଇ ବର୍ତ୍ତମାନ କାନାରା ବ୍ୟାଙ୍କରୁ 15G/H ଫର୍ମ ଦାଖଲ କରିପାରିବେ କି ? | ନା' ଆପଣ ମୂଳ ଶାଖା ସହିତ ସମ୍ପର୍କ କରନ୍ତୁ। |
| ୫୮. | ସିଣ୍ଡିକେଟ ବ୍ୟାଙ୍କରେ ମୋର ଆକାଉଣ୍ଟ ସହିତ ଲକର ରହିଛି। ମୁଁ ଘର ପାଖ କାନାରା ବ୍ୟାଙ୍କରେ ଲକର ସୁବିଧା ପାଇବି କି ? | ହଁ, ଶାଖାରେ ପ୍ରଦତ୍ତ ଲକର ସୁବିଧା ଉପଲବ୍ଧ ହେବ। |
| ୫୯. | ଯଦି ମୁଁ ନୂଆ ଡେବିଟ କାର୍ଡ ନିମନ୍ତେ ଆବେଦନ କରେ କିମ୍ବା ସିଣ୍ଡିକେଟ ବ୍ୟାଙ୍କର ବର୍ତ୍ତମାନ କାର୍ଡ ପୁନଃ ଇସ୍ୟୁ ନିମନ୍ତେ ଆବେଦନ କରେ ତେବେ କି କାର୍ଡ କେଉଁ ପ୍ରକାରର ପାଇବି ? | ମିଶ୍ରଣ ବ୍ୟାଙ୍କରେ ତା.୧.୦୪.୨୦୨୦ ଠାରୁ ସମସ୍ତ କାର୍ଡ ଇସ୍ୟୁ / ପୁନଃ ଇସ୍ୟୁ ହେବ। |
| ୬୦. | ସିଣ୍ଡିକେଟ ପାଇଥିବା କ୍ରେଡିଟ କାର୍ଡ କ'ଣ ହେବ ? | ବକେୟା ଦେୟ ନଥିବା ସିଣ୍ଡିକେଟ ବ୍ୟାଙ୍କର ସମସ୍ତ କ୍ରେଡିଟ କାର୍ଡ ପ୍ରଚଳିତ କାର୍ଡ ଲିମିଟ ଅନୁସାରେ କାନାରା ବ୍ୟାଙ୍କ କାର୍ଡ ଦ୍ୱାରା ପ୍ରତିସ୍ଥାପିତ ଏବଂ ପୁନଃ କାର୍ଡ ପ୍ରଦାନ କରାଯିବ ଏବଂ ପୂର୍ବରୁ ସୂଚନା ଦିଆଯାଇ କରାଯିବ। ଏ ବାବଦରେ କାନାରା ବ୍ୟାଙ୍କ କ୍ରେଡିଟ କାର୍ଡର ନିୟମ ଏବଂ ସର୍ତ୍ତବଳୀ ପ୍ରଜୁର୍ଯ୍ୟ ହେବ। ବକେୟା ଦେୟ ପ୍ରଦାନ କରିସାରିବା ପରେ ହିଁ କାନାରା ବ୍ୟାଙ୍କର କାର୍ଡ ଉକ୍ତ କାର୍ଡ ସ୍ଥାନରେ ପ୍ରଦାନ କରାଯିବ। |
| ୬୧. | କାର୍ଡରେ ମିଳୁଥିବା ପଏଣ୍ଟସ ଏବଂ ଲୟାଲିଟିର କ'ଣ ହେବ ? | ଡେବିଟ କାର୍ଡ-: ସିଣ୍ଡିକେଟ ବ୍ୟାଙ୍କର ଡେବିଟ କାର୍ଡରେ ରିୱାର୍ଡ ପଏଣ୍ଟ ସୁବିଧା ଉପଲବ୍ଧ ହେବ ନାହିଁ।<br>କ୍ରେଡିଟ୍ କାର୍ଡ-: ଅର୍ଜନ କରିଥିବା ରିୱାର୍ଡ ପଏଣ୍ଟ ଭଙ୍ଗେଇ ହେବ ଏବଂ କ୍ରେଡିଟ୍ କାର୍ଡ ଆକାଉଣ୍ଟରେ ଜମା ହେବ ଏବଂ କାର୍ଡଧାରୀଙ୍କୁ ରି-କାର୍ଡିଙ୍ଗ ପ୍ରକ୍ରିୟା ସମୟରେ ସୂଚିତ କରାଯିବ। |
| ୬୨. | ସିଣ୍ଡିକେଟ ବ୍ୟାଙ୍କରୁ ପାଇଥିବା ପ୍ରିପେଡ କ୍ରେଡିଟ କାର୍ଡ କ'ଣ ହେବ ? | ଗ୍ରାହକଙ୍କୁ ପୂର୍ବରୁ ସୂଚନା ଦେଇ ଏବଂ ସେମାନଙ୍କ ସହମତି ନେଇ ସିଣ୍ଡିକେଟ ବ୍ୟାଙ୍କରୁ ଉପଲବ୍ଧ ପ୍ରିପେଡ କାର୍ଡ କାନାରା ବ୍ୟାଙ୍କ ଦ୍ୱାରୀରିକାର୍ଡେନ ହେବ। |
| ୬୩. | ସିଣ୍ଡିକେଟ ବ୍ୟାଙ୍କରୁ ପ୍ରାପ୍ତ ଆନ୍ତର୍ଜାତୀୟ ଟ୍ରାଭେଲ ପ୍ରିପେଡ କାର୍ଡର ସ୍ଥିତି କ'ଣ ହେବ ? | ପୂର୍ବରୁ ନୋଟିସ୍ ଦେଇ ଏବଂ ଗ୍ରାହକଙ୍କ ସହମତି ନେଇ ସିଣ୍ଡିକେଟ ବ୍ୟାଙ୍କରୁ ପ୍ରାପ୍ତ ଆନ୍ତର୍ଜାତୀୟ ଟ୍ରାଭେଲ ପ୍ରିପେଡ କାର୍ଡ କାନାରା ବ୍ୟାଙ୍କର ଆନ୍ତର୍ଜାତୀୟ ଟ୍ରାଭେଲ ପ୍ରିପେଡ କାର୍ଡ ଦ୍ୱାରା ରି କାର୍ଡରେ ହେବ। |
| ୬୪. | ଉଭୟ କାନାରା ବ୍ୟାଙ୍କ ଏବଂ ସିଣ୍ଡିକେଟ ବ୍ୟାଙ୍କର ଗ୍ରାହକମାନେ ଏହି ୨ଟି ବ୍ୟାଙ୍କର ଶାଖାମାନଙ୍କରେ କୌଣସି ଅତିରିକ୍ତ ଖର୍ଚ୍ଚାନ୍ତ ନ ହୋଇ ଫଣ୍ଡ ଟ୍ରାନ୍ସଫର ସେବା ମାଗଣାରେ ପାଇପାରିବେ କି ? ଯଥା- UPI, AEPS, IMPS ଇତ୍ୟାଦି। | ସିଣ୍ଡିକେଟ ବ୍ୟାଙ୍କ ଏବଂ କାନାରା ବ୍ୟାଙ୍କର ଗ୍ରାହକମାନେ ପ୍ରଜୁର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ଗୋଟିଏ ଏକକ ଭାବେ ଫଣ୍ଡ ଟ୍ରାନ୍ସଫର ସେବା ବ୍ୟବହାର କରିପାରିବେ |
| ୬୫. | ସିଣ୍ଡିକେଟ ବ୍ୟାଙ୍କର ଗ୍ରାହକମାନେ ମୋବାଇଲ ନମ୍ବର କିମ୍ବା ଇ-ମେଲକୁ ଏସଏମଏସ / ଷ୍ଟେଟମେଣ୍ଟ ନିମନ୍ତେ ପୁନଃ କାନାରା ବ୍ୟାଙ୍କରେ ପଞ୍ଜିକୃତ କରିବାର ଆବଶ୍ୟକତା ଅଛି କି ? | ନା' ଗ୍ରାହକମାନେ ପୂର୍ବପରି ଆଲର୍ଟ / ଏସଏମଏସ ପାଇପାରିବେ। ସିଣ୍ଡିକେଟ ବ୍ୟାଙ୍କର ଗ୍ରାହକମାନେ ମୋବାଇଲ ନମ୍ବର ଏବଂ ଇ-ମେଲ ଆଇଡି ପୁନଃ ପଞ୍ଜିକରଣର ଆବଶ୍ୟକତା ନାହିଁ। |
| ୬୬. | କାନାରା ବ୍ୟାଙ୍କରୁ ସିଣ୍ଡିକଟେ ବ୍ୟାଙ୍କକୁ କିମ୍ବା ସିଣ୍ଡିକେଟ ବ୍ୟାଙ୍କରୁ କାନାରା ବ୍ୟାଙ୍କୁ NEFT/RTGS ର ଦେୟ ବିଷୟଟି କଣ ହେବ ? | ଉଭୟ ବ୍ୟାଙ୍କ ମଧ୍ୟରେ NEFT/RTGS ଦେୟ ମିଶ୍ରଣ ପରେ ଦେବାକୁ ପଡିବ ନାହିଁ ଯେହେତୁ ଏହା ଆର୍ନ୍ତ ବ୍ୟାଙ୍କ କାରବାର ଅଟେ। |
| ୬୭. | କୌଣସି ଦେୟ ନଦେଇ ଯେକୌଣସି ସ୍ଥାନରେ ଏଟିଏମ୍ ବ୍ୟବହାର କରିବାକୁ ଏବେ ଆମେ ସକ୍ଷମ ହେବୁ କି ? | ଆପଣ ଏହି ଦୁଇ ବ୍ୟାଙ୍କର ଏଟିଏମ୍ ବ୍ୟବହାର କରିପାରିବେ କୌଣସି କାରବାର ଦେୟ ଦେବାକୁ ପଡ଼ିବ ନାହିଁ। |
| ୬୮. | ମିଶ୍ରଣ ପରବର୍ତ୍ତୀ ସମୟରେ ମୁଁ ବର୍ତ୍ତମାନର ଡେବିଟ ଏବଂ କ୍ରେଡିଟ କାର୍ଡ ବ୍ୟବହାର କରିପାରିବି କି ? | ହଁ, କାର୍ଡ ଗୁଡିକ ଯେପରି ବ୍ୟବହାର କରୁଥିଲେ ସେପରି କରିପାରିବେ ଏବଂ କୌଣସି ପରିବର୍ତ୍ତନ ହେଲେ ପୂର୍ବରୁ ଜଣାଇ ଦିଆଯିବ। |
| ୬୯. | ଯଦି ମୁଁ ସିଣ୍ଡିକେଟ ବ୍ୟାଙ୍କ କିମ୍ବା କାନାରା ବ୍ୟାଙ୍କର ଜଣେ ଗ୍ରାହକ ମୋର ବର୍ତ୍ତମାନର ECS ଚେକ୍ ମାଣ୍ଡେଟକୁ ଉଭୟ ବ୍ୟାଙ୍କ ସପକ୍ଷରେ ପରିବର୍ତ୍ତନ କରିବାକୁ ପଡ଼ିବ କି ? | ନା, ଗ୍ରାହକମାନେ ପ୍ରଚଳିତ ECS ଚେକ୍ ପୋଷ୍ଟ ଡେଟେଡ ମାଣ୍ଡେଟକୁ ପରିବର୍ତ୍ତନ କରିବାର ଆବଶ୍ୟକତା ନାହିଁ। ଯଦି ଆବଶ୍ୟକ ହୁଏ ତେବେ ପୂର୍ବରୁ ନୋଟିସ ପ୍ରଦାନ କରାଯିବ। |
| ୭୦. | ମୋର ଡିଜିଟାଲ ବ୍ୟାଙ୍କିଙ୍ଗ ଯଥା- ମୋବାଇଲ ବ୍ୟାଙ୍କିଙ୍ଗ/ଇଣ୍ଟରନେଟ ବ୍ୟାଙ୍କିଙ୍ଗ / UPI / BBPS / BHIM ପ୍ରିପେଡ କାର୍ଡର କଣ ହେବ ? | କୌଣସିଟିର ପ୍ରକ୍ରିୟା (Process) ରେ ପରିବର୍ତ୍ତନ ହେବ ନାହିଁ। ଦୁଇ ବ୍ୟାଙ୍କର ସମସ୍ତ ଆପ୍ଲିକେସନ ପୂର୍ବପରି ଚାଲୁ ରହିବ। ବ୍ୟାଙ୍କ ଗୁଡ଼ିକର ସମସ୍ତ ଆପ୍ଲିକେସନ ଗ୍ରାହକମାନଙ୍କ ନିମନ୍ତେ ବ୍ୟବହାର କ୍ଷମ ସେବା ଏଥିରେ ଯଦି ପୌଣସି ପରିବର୍ତ୍ତନ ହୁଏ ତେବେ ପୂର୍ବରୁ ଦିଆଯିବ। |
| ୭୧. | ଗ୍ରାହକମାନେ କାନାରା ବ୍ୟାଙ୍କ ଏବଂ ସିଣ୍ଡିକେଟ ବ୍ୟାଙ୍କର ଆକାଉଣ୍ଟ ମଧ୍ୟରେ NEFT ନା RTGS ମାଧ୍ୟମରେ ଫଣ୍ଡ ଟ୍ରାନ୍ସଫର କରିବେ ? | ନା' କାନାରା ବ୍ୟାଙ୍କ ଏବଂ ସିଣ୍ଡିକେଟ ବ୍ୟାଙ୍କ ଆକାଉଣ୍ଟ ମଧ୍ୟରେ ଫଣ୍ଡ ଟ୍ରାନ୍ସଫରକୁ ଆର୍ନ୍ତଃ ବ୍ୟାଙ୍କ ଫଣ୍ଡ ଟ୍ରାନ୍ସଫର ଭାବେ ବିବେଚନା କରାଯିବ। |

| କ୍ର.ନଂ | ବାରମ୍ବାର ପଚରା ଯାଉଥିବା ପ୍ରଶ୍ନ | ଉତ୍ତର |
|---|---|---|
| କ | ସାଧାରଣ ବିଷୟ | |
| | ଋଣ ସମ୍ବନ୍ଧୀୟ ପ୍ରଶ୍ନ | |
| ୭୨. | ଗ୍ରାହକମାନେ ସିଣ୍ଡିକେଟ ବ୍ୟାଙ୍କର ଶାଖାକୁ ଯାଇ ସେମାନଙ୍କର ଓଡ଼ି/ଓସିସି ଆକାଉଣ୍ଟରୁ ନଗଦ ଉଠାଣ କରିପାରିବେ କି ? | ନା' ଓଡ଼ି/ଓସିସି ଆକାଉଣ୍ଟରୁ ନଗଦ ଉଠାଣ କେବଳ ମୂଳ ଶାଖାରେ ହୋଇପାରିବ। |
| ୭୩. | ୨ଟି ବ୍ୟାଙ୍କର ମିଶ୍ରଣ ପରେ ମୋ ଋଣ ଆକାଉଣ୍ଟର ବର୍ତ୍ତମାନ ନିୟମ ଏବଂ ସର୍ତ୍ତାବଳୀ କୌଣସି ପ୍ରଭାବ ପକାଇବ କି ? | ବର୍ତ୍ତମାନର ଋଣ ସୁବିଧା ଉପରେ ନିୟମ ଏବଂ ସର୍ତ୍ତାବଳୀର କୌଣସି ପରିବର୍ତ୍ତନ ହେବ ନାହିଁ। ଋଣ ସୁବିଧା ମିଶ୍ରଣ ବ୍ୟାଙ୍କର ନିତୀ ଓ ନିୟମାବଳୀ ଅନୁସାରେ ପରିଚାଳିତ ହେବ। ନିୟମ ଓ ସର୍ତ୍ତାବଳୀର କୌଣସି ପରିବର୍ତ୍ତନ ହେଲେ ପୂର୍ବରୁ ଜଣାଇ ଦିଆଯିବ। ସୁଧହାର ପରିପ୍ରେକ୍ଷୀରେ ମିଆଦୀ ଋଣରେ କ୍ଲଜ (ଉପନିୟମ) ଯୋଡାଯାଇଛି। ବର୍ତ୍ତମାନର ସୁଧହାର ସେହି ତାରିଖ ଯାଏ ଚାଲୁ ରହିବ। କାମଚଳା ପୁଞ୍ଜି ଋଣ (Working Capital Loan) କ୍ଷେତ୍ରରେ ବର୍ତ୍ତମାନର ସୁଧହାର ପରବର୍ତ୍ତି ନବୀକରଣ ଯାଏ ଚାଲୁ ରହିବ। |
| ୭୪. | ଯଦି ଜଣେ ଗ୍ରାହକର ଉଭୟ ସିଣ୍ଡିକେଟ ବ୍ୟାଙ୍କ ଏବଂ କାନାରା ବ୍ୟାଙ୍କରେ ଋଣ ଆକାଉଣ୍ଟ ରହିଛି ତେବେ କଣ ହେବ ? | ବର୍ତ୍ତମାନ ଉଭୟ ଋଣ ସୁବିଧା ବର୍ତ୍ତମାନର ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ଚାଲୁ ରହିବ। ମିଶ୍ରଣ ପରବର୍ତ୍ତି ସମୟରେ ଉଭୟ ଋଣ ଗୋଟିଏ ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ ପ୍ରଦାନ କରାଯିବ। ଏବିଷୟରେ କୌଣସି ପରିବର୍ତ୍ତନ ପୂର୍ବରୁ ସୂଚିତ କରାଯିବ। |
| ୭୫. | ସିଣ୍ଡିକେଟ ବ୍ୟାଙ୍କ / କାନାରା ବ୍ୟାଙ୍କରେ ବନ୍ଧକ ରହିଥିବା କୋ-ଲାଟେରାଲ କାଗଜପତ୍ର ସହଜରେ ନେଇଯିବାକୁ ସକ୍ଷମ ହୋଇ ପାରିବି କି ? | କାନାରା ବ୍ୟାଙ୍କ କିମ୍ବା ସିଣ୍ଡିକେଟ ବ୍ୟାଙ୍କରେ ବନ୍ଧକ ରହିଥିବା ମାଲିକାନା ଦଲିଲ ଏବଂ ଅନ୍ୟାନ୍ୟ କାଗଜପତ୍ର ନିରାପଦରେ ରହିଛି ଏବଂ ଆପଣ ସହଜରେ ସେସବୁ ନେଇଯିବାରେ ସକ୍ଷମ ହୋଇପାରିବେ। |
| ୭୬. | ମିଶ୍ରଣ ପରେ ମୋର ଓଡ଼ି/ଋଣ ନବୀକରଣର କଣହେବ ? | ପ୍ରଜୁର୍ଯ୍ୟ ନିୟମାବଳୀ ଅନୁସାରେ ସାଧାରଣ ପ୍ରକ୍ରିୟାରେ ଓଡ଼ି/ଋଣ ନବୀକରଣ / ବୃଦ୍ଧି ସମ୍ପାଦିତ ହେବ। |
| ୭୭. | ଗ୍ରାହକମାନେ କାନାରା ବ୍ୟାଙ୍କର ଋଣ ଆକାଉଣ୍ଟକୁ ସିଣ୍ଡିକେଟ ବ୍ୟାଙ୍କର ୱେବସାଇଟ / ମୋବାଇଲ ଆପ୍ଲିକେସନ୍ ମାଧ୍ୟମରେ ଇଏମ୍ଆଇ ପ୍ରଦାନ କରିପାରିବେ କି ? | ନା |
| ୭୮. | କୃଷକ ମାନେ ଶସ୍ୟ ଋଣ ଉପରେ ସୁଧଛାଡ ସୁବିଧା ପାଇବେ ପାରିବେ କି ? | ହଁ, ଭାରତ ସରକାରଙ୍କ ଦ୍ୱାରା ଜାରି ନିୟମାବଳୀ ଅନୁସାରେ ମିଶ୍ରଣ ହୋଇଥିବା ବ୍ୟାଙ୍କକୁ ଯୋଗ୍ୟ କୃଷକମାନଙ୍କୁ ସୁଧଛାଡ ଜାରିରହିବ। |
| ୭୯. | ଏକ ନିର୍ଦ୍ଦିଷ୍ଟ ଏମ୍ଏସ୍ଏମ୍ଇ ଯୋଜନାରେ ସିଣ୍ଡିକେଟ ବ୍ୟାଙ୍କରୁ ଉପଲବ୍ଧ ଋଣ କାନାରା ବ୍ୟାଙ୍କରେ ଉପଲବ୍ଧ ନାହିଁ, ଋଣର ସ୍ଥିତି କଣ ହେବ ? ଏହି ଋଣଟି କାନାରା ବ୍ୟାଙ୍କର ଅନ୍ୟ ଯୋଜନାକୁ ପରିବର୍ତ୍ତିତ ହେବ କି ? | ନା' ଏହି ଋଣଟି ଅନୁମୋଦନ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ପରବର୍ତ୍ତି ନବୀକରଣ/ସମୀକ୍ଷା ପର୍ଯ୍ୟନ୍ତ ଚାଲୁରହିବ। |
| ୮୦. | ସିଣ୍ଡିକେଟ ବ୍ୟାଙ୍କ ଦ୍ୱାରା ଅନୁମୋଦିତ ରିହାତି ସୁଧହାର/ଅନ୍ୟାନ୍ୟ ଦେୟ ମିଶ୍ରଣ ହୋଇଥିବା କାନାରା ବ୍ୟାଙ୍କରେ ଚାଲୁରହିବ କି ? | ହଁ, ବ୍ୟାଙ୍କ ମିଶଣ ପରବର୍ତ୍ତି ସମୟରେ ସିଣ୍ଡିକେଟ ବ୍ୟାଙ୍କରୁ ଅନୁମୋଦିତ ରିହାତି ଯାହାକି ପ୍ରଚଳିତ ଅନୁମୋଦନ ଅନୁଯାୟୀ ତାହା ପରବର୍ତ୍ତି ନବୀକରଣ/ସମୀକ୍ଷା ପର୍ଯ୍ୟନ୍ତ ଚାଲୁରହିବ ମିଶ୍ରଣ ପରବର୍ତ୍ତି ସମୀକ୍ଷା/ନବୀକରଣ ସମୟରେ ଏହାକୁ ଦୃଷ୍ଟିରେ ରଖାଯିବ। |
| ୮୧. | ସିଣ୍ଡିକେଟ ବ୍ୟାଙ୍କରୁ ପ୍ରାପ୍ତ ପିଏମ୍ଇଜିପି ସବ୍‌ସିଡି ଏବଂ ପିଏମ୍ଇଜିପି ଋଣ ମିଶ୍ରଣରେ ପ୍ରାପ୍ତ ହୋଇଥିବା ସବ୍‌ସିଡିର ସ୍ଥିତି କଣ ହେବ ? | ମିଶ୍ରଣ ପରେ ସରକାରୀ ନିୟମ ଅନୁସାରେ ପିଏମ୍ଇଜିପି ସବ୍‌ସିଡି ଉପଲବ୍ଧ ହେବ। |
| ୮୨. | ମିଶ୍ରଣ ପରେ ସ୍ୱଳ୍ପ ଅବଧି ଋଣ ଯଥା- ଆଡହକ ଲିମିଟ, ଟେମ୍ପରରୀ ଓଭରଲାଇନ, ଷ୍ଟାଣ୍ଡବାଇ ଲିମିଟ ଇତ୍ୟାଦି ବୃଦ୍ଧିହେବ କି ? | ହଁ, ମିଶ୍ରଣ ପରବର୍ତ୍ତି ସମୟରେ ଯୋଗ୍ୟତା ଅନୁସାରେ ଆବଶ୍ୟକତା ଭିତ୍ତିକ ଆର୍ଥିକ ଆବଶ୍ୟକତାର ବିଚାର କରାଯିବ। |
| ୮୩. | କାନାରା ବ୍ୟାଙ୍କରେ ସିଣ୍ଡିକେଟ ବ୍ୟାଙ୍କର ଲୋନ ଆକାଉଣ୍ଟ/ ଏସବିରେ ମୁଁ ସଂଗ୍ରହ ଚେକ ପକାଇ ପାରିବି କି ? | ଆପଣ ସଂପୃକ୍ତ ମୂଳବ୍ୟାଙ୍କ ଶାଖାରେ ଚେକ ଜମା କରନ୍ତୁ। |
| ୮୪. | ମୋର ଉଭୟ ବ୍ୟାଙ୍କରେ ଋଣ ଆକାଉଣ୍ଟ ରହିଛି। ମୋତେ କଣ କରିବାକୁ ହେବ ? | ଋଣ ଅନୁମୋଦନ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ଉଭୟ ଋଣ ପରିଶୋଧ ଯୋଗ୍ୟ ଅଟେ। |

| | | |
|---|---|---|
| ୮୫. | ରଣ ଆକାଉଣ୍ଟ ଗୋଟିଏ ଶାଖାରୁ ଅନ୍ୟ ଏକ ଶାଖାକୁ ସ୍ଥାନାନ୍ତର ହୋଇଯିବ କି ? | ନା' ଗ୍ରାହକମାନଙ୍କ ଠାରୁ ସ୍ୱତନ୍ତ୍ର ଅନୁରୋଧ ଏବଂ ସଠିକ ଅଧିକାରୀଙ୍କ ଠାରୁ ଅନୁମୋଦନ ବିନା ଏହା ହୋଇପାରିବ ନାହିଁ। |
| ୮୬. | ସିଣ୍ଡିକେଟ ବ୍ୟାଙ୍କର ବର୍ତ୍ତମାନର ରଣଗ୍ରହୀତା / ଗ୍ରାହକ ଅଧିକ ସର୍ଭିସ ଚାର୍ଯ (ଯଥା- ପ୍ରୋସେସିଙ୍ଗ ଦେୟ, କମିଶନ ଇତ୍ୟାଦି) ଦେବେ କି, ଯଦି ଏକ ନିର୍ଦ୍ଦିଷ୍ଟ ରଣ ନିମନ୍ତେ କାନାରା ବ୍ୟାଙ୍କର ଚାର୍ଯ ଅଧିକ ଥାଏ | ପ୍ରଚଳିତ ରଣ ପାଇଁ ଲାଗୁ ହୋଇଥିବା ଦେୟ ଅବଧି ଶେଷ ଯାଏ ଚାଲୁ ରହିବ। ନୂତନ ରଣ ପାଇଁ ମିଶ୍ରଣ ବ୍ୟାଙ୍କର ଗାଇଡଲାଇନ ଅନୁସାରେ ଦେୟ ମିଶ୍ରଣ ପରେ ଲାଗୁ ହେବ। |
| ୮୭. | ମିଶ୍ରଣ ପରବର୍ତ୍ତି ସମୟରେ ସିଣ୍ଡିକେଟ ବ୍ୟାଙ୍କର ଗ୍ରାହକ ଖୁଚୁରା ରଣ ପାଇଁ କାହାକୁ ଅନୁରୋଧ କରବେ ? | ଗ୍ରାହକମାନେ ଉଭୟ ବ୍ୟାଙ୍କର ଶାଖାକୁ ଏଥିପାଇଁ ଅନୁରୋଧ କରିପାରିବେ। |
| ୮୮. | ସିଣ୍ଡିକେଟ ବ୍ୟାଙ୍କ ଦ୍ୱାରା ଅନୁମୋଦିତ ପ୍ରକଳ୍ପ ପ୍ରସ୍ତାବ ଉପରେ କାନାରା ବ୍ୟାଙ୍କ ରଣ ଦେଇ ପାରିବ କି ? | ହଁ |
| ୮୯. | ପରିସ୍ଥିତି କଣ ହେବ, ଯଦି ଗୋଟିଏ ବ୍ୟାଙ୍କରେ ଆକାଉଣ୍ଟ ଷ୍ଟାଣ୍ଡାର୍ଡ ଏବଂ ଅନ୍ୟ ବ୍ୟାଙ୍କରେ ଏନ୍‌ପିଏ ହୋଇଥାଏ। | ଷ୍ଟାଣ୍ଡାର୍ଡ ଆକାଉଣ୍ଟକୁ ଡିମ୍‌ଡ୍ ଏନ୍‌ପିଏ ବୋଲି ବିବେଚନା କରାଯିବ। |
| ୯୦. | ବିଭିନ୍ନ ବ୍ୟାଙ୍କରୁ ଉପଲବ୍ଧ ରପ୍ତାନୀ ସୁବିଧା ଏବଂ ଲେଟର ଅଫ୍ କ୍ରେଡିଟର ସ୍ଥିତି କଣ ହେବ ? ନୂଆ ଏଲ୍‌ସି ପାଇଁ ଅନୁରୋଧ କରିବୁ ନା' ପୂର୍ବ ପରି ତାହା ଚାଲୁ ରହିବ ? | ଅବଧି ଶେଷଯାଏ ପ୍ରଚଳିତ ଏଲ୍‌ସି ଚାଲୁ ରହିବ। ନୂତନ ଏଲ୍‌ସି ଇସ୍ୟୁ କରିବାର ଆବଶ୍ୟକତା ନାହିଁ। ମିଶ୍ରିତ ବ୍ୟାଙ୍କ ଉଭୟ ବ୍ୟାଙ୍କର ପ୍ରତିଶୃତିକୁ ସମ୍ମାନ ଦେବ। |
| | **ପେନସନ୍ ସମ୍ବନ୍ଧୀତ ପ୍ରଶ୍ନ** | |
| ୯୧. | ବର୍ତ୍ତମାନର ସିଣ୍ଡିକେଟ ବ୍ୟାଙ୍କର ପେନସନଧାରୀ ପେନସନ୍ ପାଇଁ କାନାରା ବ୍ୟାଙ୍କରେ ନୂତନ ଆକାଉଣ୍ଟ ଖୋଲିବାକୁ ପଡିବକି ? | ନା' ପେନସନଧାରୀ କାନାରା ବ୍ୟାଙ୍କରେ ପେନସନ୍ ଆକାଉଣ୍ଟ ଖୋଲିବାର ଆବଶ୍ୟକତା ନାହିଁ। ବର୍ତ୍ତମାନର ସିଣ୍ଡିକେଟ ବ୍ୟାଙ୍କ ଆକାଉଣ୍ଟ ମିଶ୍ରଣ ପରେ ମଧ ପୂର୍ବ ପରି କାର୍ଯ୍ୟ କରିବ। |
| ୯୨. | ସିଣ୍ଡିକେଟ ବ୍ୟାଙ୍କର ପେନସନ୍ ଧାରୀ କାନାରା ବ୍ୟାଙ୍କର ଯେ କୌଣସି ଶାଖାରୁ ପେନସନ୍ ଉଠାଇ ପାରିବେ କି ? | ହଁ ପେନସନଧାରୀ କାନାରା ବ୍ୟାଙ୍କର ଯେ କୌଣସି ଶାଖାରୁ ପେନସନ୍ ଉଠାଇ ପାରିବେ ଏବଂ ବିପରୀତ କ୍ରମରେ ମଧ ସେପରି ଅଟେ। |
| ୯୩. | ପେନସନଧାରୀ ପେନସନ୍ ଆକାଉଣ୍ଟକୁ ଯେକୌଣସି ସ୍ଥାନକୁ ଅର୍ଥାତ ସିଣ୍ଡିକେଟ ବ୍ୟାଙ୍କ ଶାଖାରୁ ନିକଟତମ କାନାରା ବ୍ୟାଙ୍କ ଶାଖାକୁ ସ୍ଥାନାନ୍ତର କରିପାରିବ କି ? | ହଁ ପେନସନଧାରୀ ସେମାନଙ୍କର ପେନସନ୍ ଆକାଉଣ୍ଟକୁ ନିକଟତମ କାନାରା ବ୍ୟାଙ୍କ ଶାଖାକୁ ସ୍ଥାନାନ୍ତର କରିପାରିବେ ଏବଂ ବିପରୀତ କ୍ରମରେ ମଧ ସେପରି ଅଟେ। |
| ୯୪. | ସିଣ୍ଡିକେଟ ବ୍ୟାଙ୍କର ପେନସନଧାରୀ କାନାରା ବ୍ୟାଙ୍କର ଶାଖାରେ ଭୌତିକ / ଡିଜିଟାଲ ଲାଇଫ ସାର୍ଟିଫିକେଟ ଦାଖଲ କରିପାରିବେ କି ? | ହଁ ସିଣ୍ଡିକେଟ ବ୍ୟାଙ୍କ କିମ୍ବା କାନାରା ବ୍ୟାଙ୍କର ପେନସନଧାରୀ ଉଭୟ ବ୍ୟାଙ୍କ ଶାଖାରେ ଉପରୋକ୍ତ ସାର୍ଟିଫିକେଟ ଦାଖଲ କରିପାରିବେ। |
| ୯୫. | ସିଣ୍ଡିକେଟ ବ୍ୟାଙ୍କର ପେନସନଧାରୀ କାନାରା ବ୍ୟାଙ୍କର ଶାଖାମାନଙ୍କରୁ ପେନସନ ସ୍ଲିପ୍ ପାଇପାରିବେ କି ? | ହଁ ପେନସନଧାରୀମାନେ ପେନସନ ସ୍ଲିପ୍ କାନାରା ବ୍ୟାଙ୍କର ଯେ କୌଣସି ଶାଖାରୁ ପ୍ରାପ୍ତ ହୋଇପାରିବ। |
| ୯୬. | ସିଣ୍ଡିକେଟ ବ୍ୟାଙ୍କର ପେନସନଧାରୀ କାନାରା ବ୍ୟାଙ୍କର ଶାଖାରୁ ଫର୍ମ-୧୬ ପାଇପାରିବେ କି ? | ଚଳିତ ବର୍ଷ ପାଇଁ ଆପଣ ଆପଣଙ୍କ ମୂଳ ଶାଖାରେ ଫର୍ମ-୧୬ ପାଇଁ ସମ୍ପର୍କ କରନ୍ତୁ। |
| | **ବୀମା ସମ୍ପର୍କୀତ ପ୍ରଶ୍ନ** | |
| ୯୭. | ଜଣେ ବୀମାଧାରୀ/ମ୍ୟୁଚୁଆଲ ଫଣ୍ଡ ନିବେଶକ ଭାବେ ମୋ ଉପରେ ମିଶ୍ରଣ ବ୍ୟାଙ୍କର କି ପ୍ରଭାବ ପଡିବ ? | ଆପଣଙ୍କର ଆବଶ୍ୟକତା ସେବା ନିମନ୍ତେ ଗ୍ରାହକମାନେ ସମଗ୍ର ଭାରତରେ ଏକ ବୃହତ ନେଟୱାର୍କ ବ୍ୟବସ୍ଥା ପାଇପାରିବେ। |
| ୯୮. | ଇାମା ପଲିସୀ ଚାଲୁ ରଖିବା ପାଇଁ ଗ୍ରାହକଙ୍କୁ କିଛି ପ୍ରାରମ୍ଭ କରିବାକୁ ପଡିବ କି ? | ଜଣେ ଗ୍ରାହକଭାବେ ମିଶ୍ରଣ ବ୍ୟାଙ୍କର ଏହା ବ୍ୟାଙ୍କର ଗ୍ରାହକ ନିମନ୍ତେ ସାଧାରଣ ବ୍ୟବସାୟ ଅଟେ। |
| ୯୯. | ମିଶ୍ରଣ ପରବର୍ତ୍ତି ସମୟରେ ସିଣ୍ଡିକେଟ ବ୍ୟାଙ୍କରୁ କ୍ରୟ କରିଥିବା ମୋର ବର୍ତ୍ତମାନର ବୀମା ପଲିସି କଣ ହେବ ? | ମିଶ୍ରଣ ପରବର୍ତ୍ତି ସମୟରେ ଆପଣ ଯଦି ବୀମାକର୍ତ୍ତାଙ୍କୁ ନବୀକରଣ ପ୍ରିମିୟମ ଦେଇ ଚାଲିବେ ତେବେ ଆପଣଙ୍କ ପଲିସି ବଳବତ୍ତର ରହିବ। |
| ୧୦୦. | ସିଣ୍ଡିକେଟ ବ୍ୟାଙ୍କରୁ ବର୍ତ୍ତମାନ କ୍ରୟ କରିଥିବା ବୀମା ପଲିସିର ସେବା କିଏ ଦେବ ? | ମିଶ୍ରଣ ପରେ ଆପଣଙ୍କ ଶାଖା ଆପଣଙ୍କ ବୀମା ପଲିସିର ସେବା ପ୍ରଦାନ କରିବ। ଆପଣଙ୍କ ବୀମା ପଲିସି ଉପରେ କୌଣସି ସେବା ସମ୍ବନ୍ଧୀୟ ଅଭିଯୋଗ ପାଇଁ ଆପଣ ଆମକୁ insurancecomplaints@canarabank.comରେ ଇମେଲ କରିପାରିବେ। |
| ୧୦୧. | ଯଦି ବର୍ତ୍ତମାନର ଜୀବନବୀମା ସିଣ୍ଡିକେଟ ବ୍ୟାଙ୍କ ସହିତ ସହବନ୍ଧିତ ହୋଇ ସମ୍ପର୍କ ଅବନତୀ ହୁଏ, ତେବେ ବୀମାଧାରୀଙ୍କୁ ଜଣାଇଦିଆଯିବ କି ? | ସିଣ୍ଡିକେଟ ବ୍ୟାଙ୍କ ସହିତ ସହବନ୍ଧିତ ହୋଇ ଯଦି ବୀମା ବାତିଲ ହୁଏ ତେବେ ନିୟନ୍ତ୍ରକଙ୍କ ଧାର୍ଯ୍ୟ ନିୟମାବଳୀ ଅନୁସାରେ ବୀମାଧାରୀଙ୍କୁ ପୂର୍ବରୁ ଜଣାଇଦିଆଯିବ। |
| ୧୦୨. | ସିଣ୍ଡିକେଟ ବ୍ୟାଙ୍କରୁ ପ୍ରତିମାସରେ କଟୁଥିବା ମୋର ଏସ୍‌ଆଇପି କିସ୍ତିର କଣ ହେବ ? | ତୁମେ ଏହାକୁ ଚାଲୁ ରଖିପାରିବ। |

| | | |
|---|---|---|
| ୧୦୩. | ମିଶ୍ରଣ ପରେ କାନାରା ବ୍ୟାଙ୍କର କିଏ ବୀମା ସେବା ପ୍ରଦାନକାରୀ ହେବ ? | ମିଶ୍ରଣ ବ୍ୟାଙ୍କରୁ ଇସ୍ୟୁ କରାଯାଇଥିବା ନୂତନ ବୀମା ପଲିସି କାନାରା ବ୍ୟାଙ୍କର HSBC OBC Life Insurance Co. Ltd. ସେବା ପ୍ରଦାନ କରିବ। |
| ୧୦୪. | ମୋର ଜୀବନବୀମା ପଲିସି କାନାରା ବ୍ୟାଙ୍କ ଜୀବନ ବୀମା ପଲିସି ସହିତ ପୋର୍ଟେଡ ହୋଇପାରିବ କି ? | ଈମା ନିୟନ୍ତ୍ରକ ଏପର୍ଯ୍ୟନ୍ତ ଜୀବନ ବୀମା ପଲିସିର ପୋର୍ଟେବିଲିଟି ପାଇଁ ଅନୁମତି କିମ୍ବା ଗାଇଡଲାଇନ ଇସ୍ୟୁ କରିନାହାଁନ୍ତି। |
| ୧୦୫. | ସିଣ୍ଡିକେଟ ବ୍ୟାଙ୍କରୁ କ୍ରୟ ହେଲ୍‌ଥ ଇନ୍ସ୍ୟୁରାନ୍ସ ପଲିସି (ସିଣ୍ଡି ଆରୋଗ୍ୟ) ବ୍ୟାଙ୍କ ମିଶ୍ରଣ ପରେ ସ୍ଥିତି କଣ ରହିବ ? | ଆପଣଙ୍କ ସ୍ୱାସ୍ଥ୍ୟ ବୀମା ବର୍ତ୍ତମାନ ବୀମାଦାତାଙ୍କ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ମିଶ୍ରଣ ବ୍ୟାଙ୍କର ଅନୁସାରେ ନବୀକରଣ ସମୟରେ ବଳବତ୍ତର ରହିବ। ଅନ୍ୟ ବିକଳ୍ପ ସେବା ପ୍ରଦାନକାରୀଙ୍କୁ ପଲିସି ପୋର୍ଟେଡ ହେବ। |
| ୧୦୬. | ସିଣ୍ଡିକେଟ ବ୍ୟାଙ୍କ ଠାରୁ କ୍ରୟ କରାଯାଇଥିବା ମୋର ସ୍ୱାସ୍ଥ୍ୟ ବୀମାର ସେବା / ରିନ୍ୟୁ କିଏ ପ୍ରଦାନ କରିବ ? | ଏକୀକରଣ ପରେ ମଧ ଆପଣ ସାଧାରଣ ଭାବେ ନିଜ ଶଖାରୁ ସେବା ପ୍ରାପ୍ତ କରିପାରିବେ I ଆପଣଙ୍କ ପଲିସିରେ ଉପୁର୍ଣ୍ଣ ହୋଇଥିବା କୌଣସି ସେବା ଭିତ୍ତିକ ଅଭିଯୋଗ ପାଇଁ ଆପଣ ଆମକୁ insurancecomplaints@canarabank.com ରେ ମେଲ କରନ୍ତୁ I |
| ୧୦୭. | ଏକୀକରଣ ପରେ କାନାରା ବ୍ୟାଙ୍କର ସ୍ୱାସ୍ଥ୍ୟ ବୀମା ସେବା ପ୍ରଦାନକାରୀ ସଂସ୍ଥା କିଏ ହେବେ I | HDFC Ergo Health Insurance Ltd ବର୍ତ୍ତମାନ କାନାରା ବ୍ୟାଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଅଛି I ଏଥିରେ କୌଣସି ପରିବର୍ତ୍ତନ କରାଗଲେ ନିର୍ଦ୍ଦିଷ୍ଟ ସମୟରେ ଏହାର ସୂଚନା ପ୍ରଦାନ କରାଯିବ I |
| ୧୦୮. | ମୁଁ ସିଣ୍ଡିକେଟ ବ୍ୟାଙ୍କରୁ ପୂର୍ବରୁ କ୍ରୟ କରିଥିବା ଜେନେରାଲ ଇନ୍‌ସ୍ୟୁରାନ୍ସ ପଲିସିର ଏକୀକରଣ ପରେ କଣ ସ୍ଥିତି ରହିବ ? | ଆପଣଙ୍କ ପଲିସି ଏହାର ଅବଧି ପୁରା ହେବା ପର୍ଯ୍ୟନ୍ତ ବର୍ତ୍ତମାନର ବୀମାକର୍ତାଙ୍କ ଦ୍ୱାରା ଚାଲୁ ରହିବ I କାନାରା ବ୍ୟାଙ୍କ ସହିତ ଅନୁବନ୍ଧିତ ବୀମା କମ୍ପାନୀ ଦ୍ୱାରା ରିନ୍ୟୁଆଲ ପାଇଁ ପ୍ରସ୍ତାବ ଦିଆଯିବ I |
| ୧୦୯. | ଜେନେରାଲ ଇନ୍‌ସ୍ୟୁରାନ୍ସ ପାଇଁ ସିଣ୍ଡିକେଟ ବ୍ୟାଙ୍କ ସହ ଅନୁବନ୍ଧିତ ହୋଇଥିବା କମ୍ପାନୀର ପୃଥକୀକରଣ ସମୟରେ ବୀମା ଧାରକ ମାନଙ୍କୁ ସୂଚନା ପ୍ରଦାନ କରାଯିବ କି ? | ବୀମା ନିୟାମକଙ୍କ ନିୟମାନୁସାରେ ସିଣ୍ଡିକେଟ ବ୍ୟାଙ୍କ ସହ ଅନୁବନ୍ଧିତ ହୋଇଥିବା କମ୍ପାନୀର ପୃଥକୀକରଣ ସମୟରେ ବୀମା ଧାରକ ମାନଙ୍କୁ ଯଥେଷ୍ଟ ପୂର୍ବରୁ ସୂଚନା ପ୍ରଦାନ କରାଯିବ I |
| ୧୧୦. | ଏକୀକରଣ ପରେ କାନାରା ବ୍ୟାଙ୍କର ଜେନେରାଲ ଇନ୍‌ସ୍ୟୁରାନ୍ସ ପାଇଁ ସେବା ପ୍ରଦାନକାରୀ ସଂସ୍ଥାସବୁ କିଏ ହେବେ ? | ଜେନେରାଲ ଇନ୍‌ସ୍ୟୁରାନ୍ସ ପାଇଁ ସେବା ପ୍ରଦାନକାରୀ ସଂସ୍ଥାମାନେ ହେଲେ :<br>* The New India Assurance Co Ltd<br>* M/s Bajaj Allianz General Insurance Co Ltd<br>* M/s Tata AIG General Insurance Co Ltd |
| ୧୧୧. | ମୋର ଜେନେରାଲ ଇନ୍‌ସ୍ୟୁରାନ୍ସ ପଲିସିଗୁଡିକୁ କାନାରା ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ଜେନେରାଲ ଇନ୍‌ସ୍ୟୁରାନ୍ସ ପଲିସିକୁ ସ୍ଥାନାନ୍ତର କରାଯାଇପାରିବ କି ? | ଆପଣ ଜେନେରାଲ ଇନ୍‌ସ୍ୟୁରାନ୍ସ ପଲିସିଗୁଡିକୁ ବୀମା ନିୟାମକଙ୍କ ପୋର୍ଟିଂ ନିୟମ ଏବଂ ରିନ୍ୟୁଆଲ ପାଇଁ ଦାୟ ଗ୍ରହଣ ନିଷ୍ପତ୍ତି ଅନୁସାରେ କାନାରା ବ୍ୟାଙ୍କର ବୀମା ଭାଗୀଦାରଙ୍କୁ ସ୍ଥାନାନ୍ତର କରିପାରିବେ I |
| ୧୧୨. | ସିଣ୍ଡିକେଟ ବ୍ୟାଙ୍କ ଠାରୁ କ୍ରୟ କରାଯାଇଥିବା ମୋର ପୁରୁଣା ମ୍ୟୁଚୁଆଲ ଫଣ୍ଡର (SIP / STP ସହିତ) ସ୍ଥିତି ବ୍ୟାଙ୍କ ଏକୀକରଣ ପରେ କିପରି ହେବ ? | ଆପଣଙ୍କର ପୁରୁଣା ମ୍ୟୁଚୁଆଲ ଫଣ୍ଡ (SIP / STP ସହିତ) ସେହି ପୁରୁଣା ଫଣ୍ଡ ହାଉସ ସହିତ ଚାଲୁ ରହିବ ଯେପର୍ଯ୍ୟନ୍ତ ଆପଣ ତାକୁ ବନ୍ଦ କରିବାକୁ ଚାହୁଁ ନାହାନ୍ତି I |
| ୧୧୩. | ସିଣ୍ଡିକେଟ ବ୍ୟାଙ୍କ ମାଧମରେ କରାଯାଇଥିବା ମ୍ୟୁଚୁଆଲ ଫଣ୍ଡ ନିବେଶ ପାଇଁ କିଏ ସେବା ପ୍ରଦାନ କରିବେ ? | ମ୍ୟୁଚୁଆଲ ଫଣ୍ଡ ନିବେଶ ପାଇଁ ସେବା ସମ୍ବନ୍ଧିତ ଫଣ୍ଡ ହାଉସ ଦ୍ୱାରା କରାଯିବ |
| ୧୧୪. | ଏକୀକରଣ ପରେ ବିନିଯୋଗ ପାଇଁ କାନାରା ବ୍ୟାଙ୍କ ସହିତ କେଉଁ ଆସେଟ ମ୍ୟାନେଜମେଣ୍ଟ କମ୍ପାନୀ ଉପଲବ୍ଧ ହେବ ? | କାନାରା ରୋବେକୋ ମ୍ୟୁଚୁଆଲ ଫଣ୍ଡ |
| ୧୧୫. | ସିଣ୍ଡିକେଟ ବ୍ୟାଙ୍କ ଦ୍ୱାରା ମୋତେ ବିକ୍ରୟ କରାଯାଇଥିବା ବୀମା / ମ୍ୟୁଚୁଆଲ ଫଣ୍ଡ | ଆପଣ ବୀମା କିମ୍ବା ମ୍ୟୁଚୁଆଲ ଫଣ୍ଡ ଦୁଇଟିଯାକର ସେବା ସମ୍ବନ୍ଧୀୟ କିଛି ବି ଅଭିଯୋଗ ଥିଲେ ଆମକୁ |

| | | |
|---|---|---|
| | ୟୁନିଟ ବିଷୟରେ କିଛି ଅଭିଯୋଗ ଥିଲେ ମୁଁ କାହା ସହିତ ଯୋଗାଯୋଗ କରିବି ? | insurancecomplaints@canarabank.com ରେ ମେଲ କରିପାରିବେ I |
| ୧୧୬. | ମାର୍ଚ୍ଚ ୩୧, ୨୦୨୦ ପରେ ସିଣ୍ଡ ଆରୋଗ୍ୟ ପଲିସିର ରିନ୍ୟୁଆଲ ପାଇଁ କିଛି ବିକଳ୍ପ ବ୍ୟବସ୍ଥା କରାଯାଇଛି କି ? | ପୂର୍ବରୁ ଜାରୀ କରାଯାଇଥିବା ପଲିସି ଗୁଡିକ କାର୍ଯ୍ୟକ୍ଷମ ରହିବ ଏବଂ ଦେୟ ତାରିଖ ପର୍ଯ୍ୟନ୍ତ ବୀମାକର୍ତାଙ୍କ ଦ୍ଵାରା ସେବା ପ୍ରଦାନ କରାଯିବ I ୦୧.୦୪.୨୦୨୦ ଠାରୁ ନୂତନ ପଲିସି ଏବଂ ରିନ୍ୟୁଆଲ ସେବା ଏକ ବୈକଲ୍ପିକ ସେବା ପ୍ରଦାନକାରୀ ସଂସ୍ଥା ଦ୍ଵାରା ଯୋଗାଇଦିଆଯିବ I |
| ୧୧୭. | କାନାରା ବ୍ୟାଙ୍କ ଦ୍ଵାରା ପ୍ରଦାନ କରାଯାଉଥିବା ଜୀବନ ବୀମା ପ୍ଲାନ ଗୁଡିକ ଏକୀକରଣ ପରେ ସିଣ୍ଡିକେଟ ବ୍ୟାଙ୍କ ଗ୍ରାହକ ମାନଙ୍କ ପାଇଁ ଉପଲବ୍ଧ ହେବ କି ? | କାନାରା ବ୍ୟାଙ୍କ ଦ୍ଵାରା ବୀମା ଏବଂ ମ୍ୟୁଚୁଆଲ ଫଣ୍ଡ ସହିତ ସବୁ ପ୍ରକାର ଉତ୍ପାଦନ ବ୍ୟାଙ୍କର ସମସ୍ତ ଗ୍ରାହକ ମାନଙ୍କ ପାଇଁ ଉପଲବ୍ଧ କରାଯିବ I |
| ୧୧୮. | କାନାରା ବ୍ୟାଙ୍କ ଦ୍ଵାରା ପ୍ରଦାନ କରାଯାଉଥିବା ସ୍ଵାସ୍ଥ୍ୟ ବୀମା ପ୍ଲାନ ଗୁଡିକ ଏକୀକରଣ ପରେ ସିଣ୍ଡିକେଟ ବ୍ୟାଙ୍କ ଗ୍ରାହକ ମାନଙ୍କ ପାଇଁ ଉପଲବ୍ଧ ହେବ କି ? | କାନାରା ବ୍ୟାଙ୍କ ଦ୍ଵାରା ବୀମା ଏବଂ ମ୍ୟୁଚୁଆଲ ଫଣ୍ଡ ସହିତ ସବୁ ପ୍ରକାର ଉତ୍ପାଦନ ବ୍ୟାଙ୍କର ସମସ୍ତ ଗ୍ରାହକ ମାନଙ୍କ ପାଇଁ ଉପଲବ୍ଧ କରାଯିବ I |
| ୧୧୯. | କାନାରା ବ୍ୟାଙ୍କ ଦ୍ଵାରା ପ୍ରଦାନ କରାଯାଉଥିବା ଜେନେରାଲ ଇନ୍ସ୍ୟୁରାନ୍ସ ପ୍ଲାନ ଗୁଡିକ ଏକୀକରଣ ପରେ ସିଣ୍ଡିକେଟ ବ୍ୟାଙ୍କ ଗ୍ରାହକ ମାନଙ୍କ ପାଇଁ ଉପଲବ୍ଧ ହେବ କି ? | କାନାରା ବ୍ୟାଙ୍କ ଦ୍ଵାରା ବୀମା ଏବଂ ମ୍ୟୁଚୁଆଲ ଫଣ୍ଡ ସହିତ ସବୁ ପ୍ରକାର ଉତ୍ପାଦନ ବ୍ୟାଙ୍କର ସମସ୍ତ ଗ୍ରାହକ ମାନଙ୍କ ପାଇଁ ଉପଲବ୍ଧ କରାଯିବ I |
| ୧୨୦. | କାନାରା ବ୍ୟାଙ୍କ ଦ୍ଵାରା ପ୍ରଦାନ କରାଯାଉଥିବା ମ୍ୟୁଚୁଆଲ ଫଣ୍ଡ ପ୍ଲାନ ଗୁଡିକ ଏକୀକରଣ ପରେ ସିଣ୍ଡିକେଟ ବ୍ୟାଙ୍କ ଗ୍ରାହକ ମାନଙ୍କ ପାଇଁ ଉପଲବ୍ଧ ହେବ କି ? | କାନାରା ବ୍ୟାଙ୍କ ଦ୍ଵାରା ବୀମା ଏବଂ ମ୍ୟୁଚୁଆଲ ଫଣ୍ଡ ସହିତ ସବୁ ପ୍ରକାର ଉତ୍ପାଦନ ବ୍ୟାଙ୍କର ସମସ୍ତ ଗ୍ରାହକ ମାନଙ୍କ ପାଇଁ ଉପଲବ୍ଧ କରାଯିବ I |
| ୧୨୧. | ମୁଁ ସିଣ୍ଡିକେଟ ବ୍ୟାଙ୍କରୁ ମୋର ଶିକ୍ଷା ଋଣ ପାଇଁ ଗ୍ରୁପ ପଲିସି କ୍ରୟ କରିଅଛି I ଏକୀକରଣ ପରେ ଏହି ପଲିସି କିପରି କାର୍ଯ୍ୟ କରିବ ? | ପୂର୍ବରୁ ଅସ୍ତିତ୍ଵରେ ଥିବା ଗ୍ରୁପ ପଲିସି ଗୁଡିକ ଏହାର ବୈଧତା ଥିବା ପର୍ଯ୍ୟନ୍ତ କାର୍ଯ୍ୟ କରିବ ଏବଂ ସମ୍ବନ୍ଧିତ ବୀମା କର୍ତାଙ୍କ ଦ୍ଵାରା ଏହାର ସେବା ପ୍ରଦାନ କରାଯିବ I ଏବଂ ନୂଆ ପଲିସି ଏକୀକୃତ ବ୍ୟାଙ୍କର ସହଯୋଗୀ ଭାଗିଦାରଙ୍କ ଦ୍ଵାରା ପ୍ରଦାନ କରାଯିବ I |
| ୧୨୨. | ମୋ ପାଖରେ TATA AIG ଜେନେରାଲ ଇନ୍ସ୍ୟୁରାନ୍ସ ର ଜେନେରାଲ ଇନ୍ସ୍ୟୁରାନ୍ସ ପଲିସୀ ଅଛି I ଏହା ଏକୀକୃତ ହୋଇଥିବା ନୂଆ ବ୍ୟାଙ୍କ ସହିତ ଜାରି ରହିବ କି ? | ହଁ I |
| ୧୨୩. | ଏକୀକରଣ ପରେ କାନାରା ବ୍ୟାଙ୍କ ସହିତ ଅନୁବନ୍ଧିତ ହୋଇଥିବା କମ୍ପାନୀ ମାନଙ୍କ ଠାରୁ ଇନ୍ସ୍ୟୁରାନ୍ସ ଏବଂ ମ୍ୟୁଚୁଆଲ ଫଣ୍ଡ କ୍ରୟ କରିବା ପାଇଁ ମୋତେ ଅନ୍ୟ ଏକ ବ୍ୟାଙ୍କ ଖାତା ଖୋଲିବା ପାଇଁ ପଡିବ କି ? | ଆବଶ୍ୟକ ନାହିଁ I ପୁରୁଣା ଖାତା ଦ୍ଵାରା ଏହା କରାଯାଇ ପାରିବ I |
| ୧୨୪. | ଏକୀକରଣ ପୂର୍ବରୁ ସିଣ୍ଡିକେଟ ବ୍ୟାଙ୍କରୁ କ୍ରୟ କରାଯାଇଥିବା ଜୀବନ ଏବଂ ସ୍ଵାସ୍ଥ୍ୟ ବୀମା ଗୁଡିକର ଦାବୀ ସମ୍ବନ୍ଧୀୟ ଅସୁବିଧା ଗୁଡିକର ତଦାରଖ / ସହାୟତା କିଏ କରିବେ ? | ସମ୍ବନ୍ଧିତ ବୀମା ସେବା ପ୍ରଦାନକାରୀ ସଂସ୍ଥା ଏହିସବୁ ଦାବୀ ପାଇଁ ସେବା ପ୍ରଦାନ କରିବେ I ଏକୀକରଣ ପରେ ଆମ୍ଭେ ନିଜର ତଥା ସିଣ୍ଡିକେଟ ବ୍ୟାଙ୍କର ସମସ୍ତ ଅଭିଯୋଗ / ଅସୁବିଧା ର ସମାଧାନ ପାଇଁ ସହାୟତା ପ୍ରଦାନ କରିବୁ I ଯଦି ଆପଣ ନିଜର ଆପତ୍ତି / ଅଭିଯୋଗ / ଅସୁବିଧା ର ସମାଧାନ କରିବାରେ କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି ତେବେ ଇ-ମେଲ |

| | | |
|---|---|---|
| | | insurancecomplaints@canarabank.com ରେ ଆମକୁ ଲେଖନ୍ତୁ I |
| ୧୨୫. | ଆମ୍ଭର ପୂର୍ବରୁ ଅସ୍ତିତ୍ୱରେ ଥିବା ଖାତା ମାନଙ୍କରେ ସାମାଜିକ ସୁରକ୍ଷା ଯୋଜନା (PMJJBY ଏବଂ PMSBY) ପାଇଁ ମଇ ମାସ ୨୦୨୦ ରେ ଅଟୋ ଡେବିଟ ହେବ କି ? | ହଁ , କିନ୍ତୁ ଆପଣଙ୍କର ଏଥିପାଇଁ ଉପଯୁକ୍ତ ଯୋଗ୍ୟତା ଥିବା ଦରକାର I |
| ୧୨୬. | PMJJBY ଏବଂ PMSBY ଦାବିର ସମାଧାନ କିପରି ହେବ ? | DFS ନିୟମ ଅନୁସାରେ, ଯେଉଁ ବୀମା କମ୍ପାନୀମାନେ ପଞ୍ଜିକରଣ ନିମନ୍ତେ ନିୟୋଜିତ ଅଛନ୍ତି ସେମାନେ ଦାବି ସମାଧାନ କରାଇବେ I |
| ୧୨୭. | ଦାବିର ସମାଧାନ ନ ହୋଇପାରିଲେ ଗ୍ରାହକମାନେ କାହା ସହିତ ଯୋଗାଯୋଗ କରିବେ ? | ଗ୍ରାହକମାନେ ଆବଶ୍ୟକତା ସ୍ଥଳେ ବ୍ୟାଙ୍କର ଯେକୌଣସି ନିକଟସ୍ଥ ଶାଖା ସହିତ ଯୋଗାଯୋଗ କରିପାରିବେ I ଗ୍ରାହକମାନେ ଏ ସମ୍ବନ୍ଧରେ ନିଜର ଆପତ୍ତି କିମ୍ବା ଅଭିଯୋଗ ଇ-ମେଲ ଯୋଗେ sssclaims@canarabank.com କୁ ମଧ୍ୟ ପଠାଇ ଦେଇ ପାରିବେ I |
| ୧୨୮. | PMJJBY ଏବଂ PMSBY ସମ୍ବନ୍ଧରେ ଅଭିଯୋଗ ପାଇଁ ଗ୍ରାହକମାନେ କାହା ସହିତ ଯୋଗାଯୋଗ କରିବା ଉଚିତ ? | ଗ୍ରାହକମାନେ ଏଥିପାଇଁ ଏକୀକୃତ ହୋଇଥିବା ବ୍ୟାଙ୍କର ନିକଟସ୍ଥ ଶାଖା ଯୋଗାଯୋଗ କରିବେ I ସେମାନେ PMJJBY ଏବଂ PMSBY ସମ୍ବନ୍ଧରେ ନିଜର ଅଭିଯୋଗ ଇ-ମେଲ ଯୋଗେ insurancecomplaints@canarabank.com କୁ ମଧ୍ୟ ପଠାଇ ଦେଇ ପାରିବେ I |
| ୧୨୯. | କେଉଁ ସବୁ ଇନ୍ସ୍ୟୁରାନ୍ସ କମ୍ପାନୀମାନେ PMJJBY ଏବଂ PMSBY ସେବା ପ୍ରଦାନ କରୁଛନ୍ତି ? | ବର୍ତ୍ତମାନ କାନାରା ବ୍ୟାଙ୍କ PMJJBY ପାଇଁ M/s Canara HSBCOBC Life Insurance Co ସହିତ ଏବଂ PMSBY ପାଇଁ M/s Bajaj Allianz General Insurance Co ସହିତ ଅନୁବନ୍ଧିତ ଅଛି । ଏହି କମ୍ପାନୀମାନେ ଏକୀକୃତ ହୋଇଥିବା ବ୍ୟାଙ୍କ ପାଇଁ ମଧ୍ୟ PMJJBY ଏବଂ PMSBY ଅନ୍ତର୍ଗତ ସମସ୍ତ ସେବା ଜାରି ରଖିବେ । |